## ବିନା ଶିକ୍ଷକ, କର୍ମଚାରୀରେ ଚାଲିଛି ଆଦର୍ଶ ବିଦ୍ୟାଳୟ

ଜମନକିରା,(ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରାସ୍ଥିତ ଆଦର୍ଶ ବିଦ୍ୟାଳୟ ଏବେ ନାନା ଅବ୍ୟବସ୍ଥା ଦେଇ ଗତି କରୁଛି। ଏଠାରେ ଷଷ୍ଠରୁ ଦାଦଶ ଶ୍ରେଣୀ ପର୍ଯ୍ୟନ୍ତ ଖୋଲା ଯାଇଛି। ପ୍ରତ୍ୟେକ ଶ୍ରେଣୀରେ ୬୦ଜଣ ଲେଖାଏ ଛାତ୍ରୀଛାତ୍ର ଅଧ୍ୟୟନ କରିବା ବ୍ୟବସ୍ଥା ରହିଛି। କିନ୍ତୁ ପରିତାପର ବିଷୟ ଏଠାରେ ଜଣେ ହେଲେ ଶିକ୍ଷୟିତ୍ରୀଶିକ୍ଷକ କିମ୍ବା କର୍ମଚାରୀ ଏପର୍ଯ୍ୟନ୍ତ ନିଯୁକ୍ତି ହୋଇ ନାହାନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟର ଅଧକ୍ଷ ଥିବାବେଳେ ଜଣେ କିରାଣି ଓ ଜଣେ ପିଅନ ଅଛନ୍ତି। ମାତ୍ର ସେମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ ଅଛନ୍ତି। ଗତ ବର୍ଷଠାରୁ ଆରମ୍ଭ ହୋଇଥିବା ଏହି ବିଦ୍ୟାଳୟରେ ବର୍ତ୍ତମାନ ୧୬୦ଜଣ ବିଦ୍ୟାର୍ଥୀ ପଢୁଛନ୍ତି। ଏ ନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦୀପ୍ତ କୁମାର ନାୟକଙ୍କୁ ପଚାରିବାରୁ ଅନ୍‌ଲାଇନ କ୍ଲାସ କରାଯାଉଥିବା କହିଥିଲେ।

**ସଂକ୍ଷେପରେ**

## ଶୁକ୍ରୁ ହତ୍ୟା ମାମଲା: ଜ୍ୱାଇଁ ଗିରଫ

କୁତ୍ରା,୨୯।୭(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ପଞ୍ଚରା ଗ୍ରାମର ସୁକ୍ରୁ ସରେନ ହତ୍ୟା ଘଟଣାରେ ତାଙ୍କ ଜ୍ୱାଇଁ ତୁଲାରାମ ରୋହିଦାସଙ୍କୁ ସ୍ଥାନୀୟ ପୋଲିସ ଗୁରୁବାର ହତ୍ୟାର ୬ ଦିନ ପରେ ଝାରସୁଗୁଡାରୁ ଗିରଫ କରିବାରେ ସକ୍ଷମ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ସୁକ୍ରୁଙ୍କ ଜ୍ୱାଇଁ ତୁଲାରାମ ଝାରସୁଗୁଡାର ବାସିନ୍ଦା। ତାଙ୍କ ଝିଅ ଓ ଜ୍ୱାଇଁଙ୍କ ମଧରେ ଅଧିକାଂଶ ସମୟରେ କଳହ ଓ ଅଶାନ୍ତି ଲାଗି ରହିଥିଲା। ଫଳରେ ଝିଅ ବାପ ଘରକୁ ଚାଲି ଆସି ରହୁଥିଲେ। ତେବେ ଜ୍ୱାଇଁଙ୍କୁ ଝିଅ ବିଷୟରେ କୌଣସି ସୂଚନା ଦେଉ ନ ଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶ୍ୱଶୁର ସୁକ୍ରୁଙ୍କୁ ହତ୍ୟା କରିଥିବା ଜ୍ୱାଇଁ ତୁଲାରାମ ପୋଲିସ ନିକଟରେ ସ୍ୱୀକାର କରିଥିବାର କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ସୂଚନା ଦେଇଛନ୍ତି। ଏହି ଘଟଣାରେ ଆଇପିସିର ଧାରା ୩୦୨ ଅନୁଯାୟୀ ହତ୍ୟା ମାମଲା ରୁଜୁ ହୋଇଛି। କେସ ନମ୍ବର ୮୧/୨୧। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଆଉ କିଏ ସମ୍ପୃକ୍ତ ଅଛନ୍ତି କି ନାହିଁ ତାର ତଦନ୍ତ ଜାରି ରଖିଛି ପୋଲିସ। ସୂଚନାଯୋଗ୍ୟ, ଗତ ୨୩ ତାରିଖ ରାତିରେ ସୁକ୍ରୁ ଖାଇ ସାରି ଘର ବାରଣ୍ଡାରେ ଶୋଇଥିବା ବେଳେ ବିଳମ୍ବିତ ରାତ୍ରିରେ ତୁଲାରାମ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ।

## ଜାତୀୟ ଶିକ୍ଷା ନୀତିର ଏକବର୍ଷ ପୂର୍ତ୍ତି ଉତ୍ସବ ପାଳିତ

ଦେବଗଡ,୨୯।୭(ଡି.ଏନ.ଏ): ଦେବଗଡ଼ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ଗୁରୁବାର 'ଜାତୀୟ ଶିକ୍ଷା ନୀତି-୨୦୨୦'ର ସଂସ୍କାରମୂଳକ ରୂପାନ୍ତରଣ ଓ ଏକବର୍ଷ ପୂର୍ତ୍ତି ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧମରେ ଦେଶବାସୀଙ୍କୁ କରିଥିବା ସମ୍ବୋଧନ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଜନଶିକ୍ଷଣ ସଂସ୍ଥାନ ଅଧକ୍ଷା ବେବି ନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ ମୁଖ୍ୟଅତିଥି, ଜିଲା ନିୟୋଜନ ଅଧିକାରୀ ଚିନ୍ତାମଣି ମହାନନ୍ଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶକ ଦୀପକ କୁମାର ସାମନ୍ତରାୟ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସଂସ୍ଥାନର ସୁଧୀର ପ୍ରଧାନ ବିମଳ ପାତ୍ର ଓ ମଧୁସ୍ମିତା ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର କ୍ଷେତ୍ର ସଂଯୋଜିକା ସଫିରା ଟପ୍ପୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା ଶିବିର

ସୁନ୍ଦରଗଡ,୨୯।୭ (ଡି.ଏନ୍.ଏ.): ସୁନ୍ଦରଗଡ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ସୂଚନା ଅଧିକାର ଆଇନ ସମ୍ବନ୍ଧରେ ଏକ ସଚେତନତା ଶିବର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ତଥା ଜିଲା ଜଜ୍ ପ୍ରଦୀପ କୁମାର ମହାନ୍ତଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ଶିବରରେ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ବିଭୁ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେ ଜୁଭେନାଇଲ ଜଷ୍ଟିସ ଆକ୍ଟ ଓ ସୂଚନା ଅଧିକାର ଆଇନ ସମ୍ବନ୍ଧରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଜିଲା କୋର୍ଟର ରେଜିଷ୍ଟ୍ରାର ଦିଲିପ କୁମାର ସତପଥୀ ଆଇନ ସେବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟ , କିଶୋର ନ୍ୟାୟ ଆଇନ ଓ ସୂଚନା ଅଧିକାର ଆଇନ ଉପରେ ଆଲୋକପାତ କରିଥିଲେ। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭଶ୍ରୀ ପ୍ରଧାନ , ଜେଏମ୍‌ଏଫସି ମିଲନ୍ ତାଣ୍ଡି, ଜିଲା ଶିଶୁମଙ୍ଗଳ ସମିତିର(ସିଡବ୍ଲୁସି)ର ଚେୟାରମ୍ୟାନ ମହେନ୍ଦ୍ର ପଟେଲ , ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ପ୍ରମୁଖ ଯୋଗଦେଇ କିଶୋର ନ୍ୟାୟ ଆଇନ ସଂପର୍କରେ ସୂଚନା ଦେଇ ନିରାଶ୍ରୟ ବାଳିକାମାନେ କିଭଳି ସମସ୍ତ ସୁବିଧା ସୁଯୋଗ ପାଇବେ ଓ କିଶୋରମାନେ କିଭଳି ଅପରାଧରୁ ନିବୃତ୍ତ ହୋଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହେବେ ସେ ନେଇ କହିଥିଲେ। ଶିବିରରେ ସୁନ୍ଦରଗଡ ପବ୍ଲିକ ସ୍କୁଲ ଅଧକ୍ଷା ହରପ୍ରିୟା ପଟେଲ, ସଂପାଦକ ରାଜକିଶୋର ଷଡଙ୍ଗୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିସହ ସାମାଜିକ କର୍ମୀ ଓ ଓକିଲମାନେ ଯୋଗଦେଇ ସଚେତନ କରିଥିଲେ।

# ସ୍କୁଲ ସମ୍ପତ୍ତି ବୋହିନେଲେ, ପ୍ରଶାସନ ନୀରବ

ବଡଗାଁ,୨୯।୭(ଡି.ଏନ.ଏ.)

ଗାଁ ସ୍କୁଲର କିପରି ଉନ୍ନତି ହେବ ସେଥିପାଇଁ ପୁରାତନ ଛାତ୍ର, ଗ୍ରାମବାସୀ ଓ ଶିକ୍ଷାପ୍ରେମୀ ଚାହିଁଥାନ୍ତି। କିନ୍ତୁ ଲୋଭର ବଶବର୍ତ୍ତୀ ହୋଇ କେତେକ ବ୍ୟକ୍ତି ଦିଅଁ ସହିତ ଖଟୁଲିକୁ ଖାଇଯିବା ଓ ପ୍ରଶାସନ ଜଳକା ସାଜିବା ଘଟଣା ସୁନ୍ଦରଗଡ ଜିଲାର ବଡଗାଁ ସରକାରୀ ହାଇସ୍କୁଲରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ହାଇସ୍କୁଲର ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରାୟ ୧ କୋଟି ଟଙ୍କା ମଞ୍ଜୁର ହୋଇ ୨ ସପ୍ତାହ ହେଲା କାମ ଆରମ୍ଭ ହୋଇଛି। ପୁରୁଣା ଶ୍ରେଣୀଗୃହ ଭଙ୍ଗା ଗଲା ପରେ ଏହାର ସମସ୍ତ ଉପକରଣ ସ୍କୁଲ ସମ୍ପତ୍ତି ଭାବେ ରହିବା କଥା। କିନ୍ତୁ ଏଠାରେ ନିୟମ ନ ମାନି ପୁରୁଣା ଗୃହର ଇଟା, କାଠ, ଆଜବେଷ୍ଟସ ଆଦି ଲକ୍ଷାଧିକ ଟଙ୍କାର ସାମଗ୍ରୀ ସ୍ପଷ୍ଟ ଦିବାଲୋକରେ କେତେକ ବ୍ୟକ୍ତି ଟ୍ରାକ୍ଟରରେ ନେଇ ଯାଇଛନ୍ତି। ଏହାକୁ ନେଇ ଗ୍ରାମବାସୀ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବିନୟ ଟପ୍ପୋଙ୍କୁ ଲିଖିତ ଭାବେ ଜଣାଇଲା ପରେ ସେ ପିଡି, ଡିଇଓ ଏବଂ ଜିଲାପାଳଙ୍କୁ ଚିଠି ମାଧମରେ ଜଣାଇଛନ୍ତି।



ଟ୍ରାକ୍ଟରରେ ଭଙ୍ଗା ଯାଇଥିବା କୋଠାର ଇଟା ନିଆଯାଉଛି।

ଉଲ୍ଲେଖଯୋଗ୍ୟ ଯେ, ସ୍କୁଲ ଗୃହ ନିର୍ମାଣ ପାଇଁ ଡିଏମଏଫ ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହା ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଦ୍ୱାରା ଟେଣ୍ଡର ମାଧମରେ ଅନ୍ୟ ବ୍ଲକରେ କରାଯାଉଥିଲା ବେଳେ ବଡଗାଁରେ ବିନା ଲାଇସେନ୍ସପ୍ରାପ୍ତ ଠିକାଦାରଙ୍କ ଦ୍ୱାରା କରାଯାଉଛି। ତେବେ ପୁରୁଣା ଶ୍ରେଣୀ ଗୃହର ଇଟା, କାଠ ଆଦି ସାମଗ୍ରୀ ବିକ୍ରି କଲେ ସ୍କୁଲ ପାଣ୍ଠିକୁ ଲକ୍ଷାଧିକ ଟଙ୍କା ଆସିପାରିବ। କିନ୍ତୁ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ ସ୍କୁଲ ଭଳି ବିଦ୍ୟାମନ୍ଦିରରେ ହେବା ଚିନ୍ତାଜନକ। ଏହି ସ୍କୁଲରୁ ବିଭିନ୍ନ ସାମଗ୍ରୀ ହଡପ ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ ଏହି ସ୍କୁଲର ଚେୟାର, ଡେକ୍ସ, ଟେବୁଲ ଆଦି ହଡପ ଘଟଣା ଗ୍ରାମବାସୀଙ୍କ ମନରୁ ଲିଭି ନ ଥିଲା ବେଳେ ପୁଣିଥରେ ସ୍କୁଲ ସମ୍ପତ୍ତିକୁ ହରିଲୁଟ କରାଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବଡଗାଁ ବ୍ଲକରେ ପୁରୁଣା ଆଇଟିଡିଏ କାମକୁ ନୂଆ ଦର୍ଶାଇ ଅର୍ଥ ଆତ୍ମସାତ, କାମ ନ କରି ଅର୍ଥ ଉଠାଣ ଭଳି ଅଭିଯୋଗ ସତ୍ତ୍ୱେ ଜନ ପ୍ରତିନିଧି, ଦଳୀୟ ନେତାଙ୍କ ହସ୍ତକ୍ଷେପ କେବେ ଦେଖାଯାଇ ନ ଥିବାରୁ ସାଧାରଣରେ ନା ନା ସନ୍ଦେହ ସୃଷ୍ଟି ହୋଇଛି। ପ୍ରଶାସନ ଆଉ କେଉଁ ପ୍ରକାର ବେନିୟମ କାମକୁ ଦେଖି କେତେ ବର୍ଷ ଜଳକା ସାଜିବ ତାକୁ ନେଇ ଚର୍ଚ୍ଚା ଜୋର ଧରିଛି।

**ବଡ଼ଗାଁ ହାଇସ୍କୁଲ**

## କେନ୍ଦ୍ର ମନ୍ତ୍ରୀଙ୍କୁ ଦାବି ଜଣାଇଲେ ଜୁଏଲ


ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଏମ୍‌ପି ଜୁଏଲ ଓରାମ।

ରାଉରକେଲା ଅଫିସ୍,୨୯।୭

ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଗୁରୁବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସାକ୍ଷାତ କରି ଓଡିଶାର ରେଳ ସମସ୍ୟା ଉପରେ ତାଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ବାକି ପଡିଥିବା ରେଳ ପ୍ରକଳ୍ପଗୁଡିକୁ ପୂର୍ଣ୍ଣାଙ୍ଗ ସହ ଓଡିଶାର ଆଭ୍ୟନ୍ତରିଣ ଅଞ୍ଚଳ ଗୁଡିକୁ ରେଳ ସେବା ପାଇଁ ନୂତନ ପ୍ରକଳ୍ପ ସ୍ଥାପନ, ଦେଶର ବଡ ବଡ ସହର ସହିତ ରାଉରକେଲାକୁ ସିଧାସଳଖ ରେଳ ସଂଯୋଗ ଆଦି ବିଷୟରେ ଜୁଏଲ ରେଳ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ତେବେ ଓଡିଶାର ରେଳ ସେବା ପ୍ରତି କୌଣସି ଅବହେଳା କରାଯିବ ନାହିଁ। ସମୟକ୍ରମେ ସବୁ ସମସ୍ୟାର ସମାଧାନ କରାଯିବ ବୋଲି ରେଳ ମନ୍ତ୍ରୀ ବୈଷ୍ଣବ ତାଙ୍କ ପ୍ରତିକ୍ରିୟାରେ ଜଣାଇଥିବା ଜୁଏଲ ସୂଚନା ଦେଇଛନ୍ତି। ସେହିପରି ଜୁଏଲ ପତ୍ର ମାଧମରେ ରାଉରକେଲାର ବିଭିନ୍ନ ସମସ୍ୟା ଉପରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାମଚନ୍ଦ୍ର ପ୍ରସାଦ ସିଂଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆଇଜିଏଚ୍‌ରେ ୨୫ ଶତାଂଶ ଡାକ୍ତର, ନର୍ସ ଓ ଷ୍ଟାଫଙ୍କ ପଦବୀ ଖାଲିଥିବା ଯୋଗୁ ରୋଗୀମାନେ ଉପଯୁକ୍ତ ସେବା ପାଇ ପାରୁନାହାନ୍ତି। ତେଣୁ ସେହି ପଦବୀ ଗୁଡିକୁ ପୂରଣ କରିବାକୁ ଜୁଏଲ କେନ୍ଦ୍ର ମନ୍ତ୍ରୀଙ୍କୁ ଜଣାଇଥିଲେ। ଏହାସହ ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ ଓ ହଟ୍‌ଷ୍ଟ୍ରିପ୍ ମିଲ୍‌କୁ ପୂର୍ଣ୍ଣ କାର୍ଯ୍ୟକ୍ଷମ, ୨୦୨୧ରେ ବହୁବାର ଏନଜେସିଏସ୍ ବୈଠକ ବସିଥିଲେ ମଧ ଶ୍ରମିକ ସଙ୍ଗଠନ ଗୁଡିକର ଦାବିରେ ପ୍ରଶାସନ ସହମତ ହୋଇପାରିନାହିଁ। ୨୦୧୭ ମସିହା ଜାନୁୟାରୀ ଠାରୁ ଏଯାଏ ମଜୁରୀ ଚୁକ୍ତିନାମା ହୋଇପାରିନାହିଁ। ଫଳରେ ବୈଠକ ଡାକି ଏହାର ସମାଧାନ କରିବା ସହ ସେଲ୍ ଅଫିସରମାନଙ୍କର ଅମିମାଂସିତ ଦରମା ସଂଶୋଧନ, ଦଶନ୍ଧି ଦଶନ୍ଧି ଧରି ପୂର୍ଣ୍ଣ ସମାଧାନ ହୋଇ ପାରି ନ ଥିବା ବାସଚ୍ୟୁତମାନଙ୍କୁ ଚିହ୍ନଟ କରି ସେମାନଙ୍କୁ କାରଖାନାରେ ନିଯୁକ୍ତି ଦେବା ଏବଂ ଡିପ୍ଲୋମା ଇଞ୍ଜିନିୟରମାନଙ୍କର ପଦବୀ ବଦଳାଯିବା ଆଦି ପ୍ରସଙ୍ଗ ଗୁଡିକର ସମାଧାନ ପାଇଁ ଜୁଏଲ କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ଜଣାଇଛନ୍ତି ବୋଲି ଭାଜପା ମୁଖପାତ୍ର ଭଗବାନ ରାଉତ ସୂଚନା ଦେଇଛନ୍ତି।

# ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ


କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ସୁନ୍ଦରଗଡ ,୨୯।୭ (ଡି.ଏନ୍.ଏ.)

ଏନ୍‌ଟିପିସି ଡୁଲୁଙ୍ଗା କୋଇଲା ଖଣି ପ୍ରକଳ୍ପ ତରଫରୁ ବୁଧବାର ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରକଳ୍ପର ମୁଖ୍ୟ (ଜିଜିଏମ୍ ) ଚିତ୍ତରଞ୍ଜନ ବାରିକ ବିଶ୍ୱର ପ୍ରକୃତି ସଂରକ୍ଷଣ ପାଇଁ ଚାରାରୋପଣ କରିବାକୁ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ ଓ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ। ଜିଜିଏମ୍ ବାରିକ ଓ ସମସ୍ତ କର୍ମଚାରୀ ବିଶ୍ୱ ପ୍ରକୃତି ସଂରକ୍ଷଣ ପାଇଁ ସଂକଳ୍ପ ନେଇଥିଲେ। ଗତ ଜୁନ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କ ମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରକଳ୍ପର ମୁଖ୍ୟ ବାରିକ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତାରେ ଆରଏଣ୍ଡଆର (ପୁର୍ନବାସ ଓ ଥଇଥାନ) କଲୋନୀର ବିସ୍ଥାପିତ ଗ୍ରାମବାସୀ ଏବଂ ନିକଟସ୍ଥ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ଇଂ ପ୍ରଭୁଦତ୍ତ ପଣ୍ଡା ଭାଜପା ଯୁବମୋର୍ଚ୍ଚାର ପ୍ରଭାରୀ ନିଯୁକ୍ତ



ସୁନ୍ଦରଗଡ,୨୯।୭(ଡି.ଏନ୍.ଏ.)

ଇଂ ପ୍ରଭୁଦତ୍ତ ପଣ୍ଡା ସୁନ୍ଦରଗଡ ଭାଜପା ଜିଲା ଯୁବ ମୋର୍ଚ୍ଚାର ପ୍ରଭାରୀ ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟ ଭାଜପା ଯୁବମୋର୍ଚ୍ଚାର ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ତଥା ସମ୍ବଲପୁର ଭାଜପା ଯୁବନେତା ପଣ୍ଡାଙ୍କୁ ସୁନ୍ଦରଗଡ ଭାଜପା ସାଂଗଠନିକ ଜିଲାର ଯୁବମୋର୍ଚ୍ଚାର ପ୍ରଭାରୀ ଭାବେ ରାଜ୍ୟ ସଂଗଠନ ପକ୍ଷରୁ ନିଯୁକ୍ତି ଦିଆଯାଇଥିବାରୁ ସ୍ଥାନୀୟ ଜିଲା ଯୁବମୋର୍ଚ୍ଚା ପକ୍ଷରୁ ସ୍ୱାଗତ କରାଯାଇଛି। ସୁନ୍ଦରଗଡ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଇଂ ଅମୀୟ ପଟ୍ଟନାୟକ , ଜିଲା ସାଧାରଣ ସଂପାଦକ ଶ୍ରୀକାନ୍ତ ଭଞ୍ଜ, ସୁରତ ବେହେରା ତଥା ଜିଲା ଯୁବ ମୋର୍ଚ୍ଚାର ପଦାଧିକାରୀ, ସମସ୍ତ ମଣ୍ଡଳ ସଭାପତି ଓ କର୍ମୀମାନେ ନବନିଯୁକ୍ତ ପ୍ରଭାରୀଙ୍କୁ ସ୍ୱାଗତ କରିଛନ୍ତି। ତାଙ୍କ ମାର୍ଗଦର୍ଶନରେ ସୁନ୍ଦରଗଡରେ ଭାଜପା ଯୁବ ମୋର୍ଚ୍ଚା ସଂଗଠନ ଆହୁରି ସୁଦୃଢ ହେବ ବୋଲି ଆଶା କରାଯାଇଛି। ସେହିପରି ସୁନ୍ଦରଗଡ ସାଂଗଠନିକ ଜିଲାର ପୂର୍ବତନ ସାଧାରଣ ସଂପାଦକ ତଥା ରାଜ୍ୟ ସଂଯୋଜକ ରୂପେଶ ପଟେଲଙ୍କୁ ପାନପୋଷ ସାଂଗଠନିକ ଜିଲା ଭାଜପା ଯୁବମୋର୍ଚ୍ଚାର ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଥିବାରୁ ତାଙ୍କୁ ମଧ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## 'ସୁଦକ୍ଷ' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଟ୍ୟାବ୍ ପ୍ରଦାନ


ଜିଲାପାଳ ଜଣେ ପ୍ରଶିକ୍ଷାର୍ଥୀଙ୍କୁ ଟ୍ୟାବ୍ ପ୍ରଦାନ କରୁଛନ୍ତି।

ସୁନ୍ଦରଗଡ଼,୨୯।୭(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲାରେ 'ସୁଦକ୍ଷ' କାର୍ଯ୍ୟକ୍ରମ ଅଧୀନରେ ନିଯୁକ୍ତି ଉପଯୋଗୀ କୋଚିଂ ନେଉଥିବା ଛାତ୍ରୀଛାତ୍ରମାନଙ୍କ ଅନ୍‌ଲାଇନ ପାଠପଢାରେ ସୁବିଧା ପାଇଁ ଟ୍ୟାବ୍ ଯୋଗାଇ ଦିଆଯାଉଛି। ଗୁରୁବାର ଦିନ ଜିଲାପାଳ ନିଖିଳ ପବନ କଲ୍ୟାଣ ସୁନ୍ଦରଗଡ଼ଠାରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଟ୍ୟାବ୍ ପ୍ରଦାନ କରିଛନ୍ତି। କୋଭିଡ୍ ମହାମାରୀକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ଏବେ 'ସୁଦକ୍ଷ'ର ତିନୋଟି ଯାକ କେନ୍ଦ୍ରରେ ଅନ୍‌ଲାଇନ ମାଧ୍ୟମରେ କୋଚିଂ ଦିଆଯାଉଛି। ସୁନ୍ଦରଗଡ଼, ବଣାଇ ଏବଂ ରାଉରକେଲାଠାରେ ଏହି କୋଚିଂ କେନ୍ଦ୍ର ରହିଛି। ପ୍ରତି କେନ୍ଦ୍ରରେ ୫୦ ଜଣ କରି ନାମ ଲେଖାଇଛନ୍ତି। ଶିକ୍ଷିତ ଯୁବତୀଯୁବକଙ୍କୁ ପ୍ରତିଯୋଗିତାମୂଳକ ପରୀକ୍ଷା ଲାଗି ପ୍ରସ୍ତୁତ କରିବା ସହ ନିଯୁକ୍ତି ସମ୍ଭାବନା ସୃଷ୍ଟି ପାଇଁ ତିନି ମାସିଆ କୋଚିଂ ବ୍ୟବସ୍ଥା ରହିଛି। ଏଥିପାଇଁ ସୁନ୍ଦରଗଡ଼ ଜିଲା ଖଣିଜ ପ୍ରତିଷ୍ଠାନ ଆର୍ଥିକ ସହାୟତା ଯୋଗାଇ ଦେଉଛି। କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସହ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ପ୍ରାର୍ଥୀମାନଙ୍କୁ ଏହା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏମଏଫର ବରିଷ୍ଠ ଅଧିକାରୀ ଦୀପୁ ଶଙ୍କର ସାମଲ, ଜୀବିକା ବିଶେଷଜ୍ଞ ଅଞ୍ଜନ କୁମାର ପଣ୍ଡା, ନିୟତି ଫାଉଣ୍ଡେଶନର ଅଧକ୍ଷ ନିର୍ମଳ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କିଙ୍ଗ, ଷ୍ଟାଫ୍ ସିଲେକ୍ସନ, ରେଲୱେ, ଆର୍ମି, ଏୟାରଫୋର୍ସ, ନାଭାଲ୍, ଓଡ଼ିଶା ପୋଲିସ, ଅର୍ଦ୍ଧ ସାମରିକ ବାହିନୀ ଏବଂ ବୀମା କ୍ଷେତ୍ର ଆଦି ଲାଗି ସୁଦକ୍ଷ ଅଧୀନରେ କୋଚିଂ ଦିଆଯାଉଛି। ଜିଲାର ଖଣି ପ୍ରଭାବିତ ୬ଟି ବ୍ଲକ ରାଜଗାଙ୍ଗପୁର, ହେମଗିରି, କୁତ୍ରା, କୁଆଁରମୁଣ୍ଡା, ଲହୁଣୀପଡ଼ା ଓ କୋଇଡ଼ା ଅଞ୍ଚଳର ଯୁବତୀଯୁବକଙ୍କ ସହିତ ଜିଲାର ଅନୁସୂଚିତ ଜାତି ଓ ଜନଜାତି ଏବଂ ବିପିଏଲ କାର୍ଡଧାରୀ ପରିବାରର ପିଲାଙ୍କୁ ନାମ ଲେଖା ବେଳେ ଅଗ୍ରାଧିକାର ଦିଆଯାଉଛି।

# କାର୍ଯ୍ୟାନୁଷ୍ଠାନ ନ ହେଲେ କାର୍ଯ୍ୟାଳୟ ବନ୍ଦ

ଦେବଗଡ,୨୯।୭(ଡି.ଏନ.ଏ)

ଦେବଗଡ଼ ଜିଲା ରିଆମାଳ ବିଡିଓ ଦିବ୍ୟଶଙ୍କର ଜୟପୁରିଆଙ୍କ ବିରୋଧରେ ଗୁରୁବାର ଦେବଗଡ ଜିଲା ପରିଷଦ ଅଧକ୍ଷା ଓ ଉପାଧକ୍ଷଙ୍କ ସମେତ ରିଆମାଳ, ତିଲେଇବଣି ବ୍ଲକ ଅଧକ୍ଷା ଏବଂ ବାରକୋଟ ବ୍ଲକ ଅଧକ୍ଷା ଓ ଉପାଧକ୍ଷ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ଏହାସହ ସେମାନେ ବିଡିଓଙ୍କ ବଦଳି ଓ ଗିରଫ ଦାବି କରି ଜିଲାପାଳଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଦେବଗଡ ଜିଲା ପରିଷଦ ଅଧକ୍ଷା ସୁଧାମୟୀ ପଟେଲ, ଉପାଧକ୍ଷ ଜୟକୃଷ୍ଣ ପ୍ରଧାନ, ରିଆମାଳ ବ୍ଲକ ଅଧକ୍ଷା ରୀତାଞ୍ଜଳି ହାତୀ, ତିଲେଇବଣି ବ୍ଲକ ଅଧକ୍ଷା ସୁବାସିନୀ ଦେହୁରୀ, ବାରକୋଟ ବ୍ଲକ ଅଧକ୍ଷା ସୁବାସିନୀ ସାହୁ ଓ ଉପାଧକ୍ଷ ହରମୋହନ ପାଣି ଉପସ୍ଥିତ ଥିଲେ।

ସେମାନେ ଅଭିଯୋଗ କରିଛନ୍ତି, ରିଆମାଳ ବିଡିଓ ବ୍ଲକର ସୁଧ ଅର୍ଥ ରାଶିକୁ ପଞ୍ଚାୟତ ସମିତିର ବିନା ଅନୁମୋଦନରେ ବେଆଇନ ଭାବେ ଖର୍ଚ୍ଚ କରୁଛନ୍ତି। ସେହିପରି ତାଙ୍କ ବିରୋଧରେ ସରକାରୀ ଗାଡିକୁ ମନୋମୁଖି ଭାବେ ଘରୋଇ କାର୍ଯ୍ୟରେ ବ୍ୟବହାର କରିବା, ପଞ୍ଚାୟତ ସମିତି ସଦସ୍ୟା ସଦସ୍ୟଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ପଞ୍ଚାୟତ ସମିତିର ସମସ୍ତ କାର୍ଯ୍ୟରେ ଅସହଯୋଗ କରୁଥିବା ଅଭିଯୋଗ କରିଛନ୍ତି ଏହି ଜନପ୍ରତିନିଧି। ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦେବଗଡ ଜିଲା ପରିଷଦ କାର୍ଯ୍ୟାଳୟ ସମେତ ତିନୋଟି ଯାକ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ପକାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ତେବେ ଏସବୁ ଅଭିଯୋଗ ସମ୍ପର୍କରେ ମତାମତ ପାଇଁ ବିଡିଓ ଜୟପୁରିଆଙ୍କୁ ତାଙ୍କ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ କଲ୍ ରିସିଭ ନ କରିବାରୁ ଏହା ସମ୍ଭବ ହୋଇପାରିନାହିଁ।


ସ୍ମାରକପତ୍ର ଦେବାକୁ ଆସିଥିବା ନିର୍ବାଚିତ ଜନପ୍ରତିନିଧି।

**ରିଆମାଳ ବିଡିଓଙ୍କ ବିରୋଧରେ ଲୋକ ପ୍ରତିନିଧିଙ୍କ ବିଷୋଦ୍‌ଗାର**

# ନୂତନ ବିଡିଓଙ୍କ ସହ ବିଜେଡି ପ୍ରତିନିଧିମଣ୍ଡଳୀର ଆଲୋଚନା

କୁଆଁରମୁଣ୍ଡା,୨୯।୭(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକର ନୂତନ ବିଡ଼ିଓ ଭାବେ ବିକାଶ ଚନ୍ଦ୍ର ସାହୁ ଯୋଗ ଦେବା ପରେ ବୁଧବାର କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ପ୍ରତିନିଧିମଣ୍ଡଳୀ ତାଙ୍କୁ ସାକ୍ଷାତ କରିଛନ୍ତି। ପ୍ରଥମେ ବିଡ଼ିଓ ସାହୁଙ୍କୁ ଫୁଲ ତୋଡା ଦେଇ ସ୍ୱାଗତ କରାଯିବା ପରେ ପ୍ରତିନିଧିମଣ୍ଡଳୀ ପକ୍ଷରୁ ବ୍ଲକର ସବୁ ବର୍ଗର ଲୋକଙ୍କ ସହ ସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କରିବାକୁ ତାଙ୍କୁ ଅନୁରୋଧ କରାଯାଇଛି। ଅନୁରୂପ ଭାବେ ବିଡିଓ ବ୍ଲକ ଅଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ ରୂପାୟନରେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ବ୍ଲକର ବରିଷ୍ଠ ବିଜେଡ଼ି ନେତା ତଥା ଡୁମେରଯୋର ପଞ୍ଚାୟତର ସମିତି ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ତଥା ସମିତି ସଭ୍ୟ ରାଜେଶ ହାସଦା,ଜିଲା ପରିଷଦ ସଭ୍ୟା ସୁନିତା ଅହିର, ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ବିଜେଡ଼ି ନେତ୍ରୀ ମୀନାକ୍ଷୀ ବାରିକ,ସାମାଜିକ କର୍ମୀ ଅର୍ଜୁନ ମିଞ୍ଜ, ଶରତ ତନ୍ତି, ଟିକେଶ୍ୱର କାଲୋ, ବିଜୟଲକ୍ଷ୍ମୀ କାଲୋ,ବ୍ଲକ ବିଜେଡ଼ି ଛାତ୍ର ସଭାପତି ସାଗର କୁଅଁର, ଏମଡି ଅବଦୁଲ ପ୍ରମୁଖ ଉପସ୍ଥିତ ଥିଲେ।


ନୂତନ ବିଡିଓଙ୍କୁ ବରିଷ୍ଠ ବିଜେଡି ନେତା ରାଜେନ୍ଦ୍ର କୁଜୁର ଫୁଲତୋଡା ଦେଇ ସ୍ୱାଗତ କରୁଛନ୍ତି।

# ବାସନ୍ତୀ କଲୋନୀରୁ ମଦ ଦୋକାନ ହଟାଅ

ରାଉରକେଲା ଅଫିସ୍,୨୯।୭

ରାଉରକେଲା ମହାନଗର ନିଗମ ଅଧୀନ ବାସନ୍ତୀ କଲୋନୀ ଅଞ୍ଚଳରେ ବିଦେଶୀ ମଦ ଦୋକାନ ପାଇଁ ସରକାର ଲାଇସେନ୍ସ ପ୍ରଦାନ କରିଛନ୍ତି। ସମ୍ପୃକ୍ତ ମଦ ଦୋକାନୀ ଲାଇସେନ୍ସ ପାଇବା ପରେ ଏହି କଲୋନୀର ଏମ. ବ୍ଲକ ଆବାସିକ ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ବାସଗୃହରେ ଦୋକାନ ଖୋଲିଛନ୍ତି। ଏହି ମଦ ଦୋକାନର ତିନି ପାର୍ଶ୍ୱରେ ଆବାସିକ ଗୃହ ଥିବାବେଳେ ଗୋଟିଏ ପାର୍ଶ୍ୱରେ ଡିଏଭି ପଲିଟେକ୍‌ନିକ୍ ଓ ଏହାର ହଷ୍ଟେଲ ତଥା ଷ୍ଟାଫ୍ କ୍ୱାର୍ଟରମାନ ରହିଛି। ଉକ୍ତ ମଦ ଦୋକାନଠାରୁ ମାତ୍ର ୨୦୦ ଫୁଟ ଦୂରତାରେ ମନ୍ଦିର ଅବସ୍ଥିତ। ଏଭଳି ଏକ ପରିବେଶରେ ମଦ ଦୋକାନ ପାଇଁ ଅନୁମତି ଦିଆଯାଇଥିବାରୁ ଉକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷେ ରାଉରକେଲା ଜିଲା କଂଗ୍ରେସ ତୁରନ୍ତ ଏହି ଦୋକାନ ସ୍ଥାନାନ୍ତର କରିବା ପାଇଁ ଦାବି କରିଛି। ଆରଡିଏ ପ୍ଲଟ୍‌ରେ ଗଢି ଉଠିଥିବା ଏହି ବାସଗୃହରେ ମଦ ଦୋକାନ ଖୋଲିବା ପାଇଁ ଆରଡ଼ିଏରୁ ଆବଶ୍ୟକ ଅନୁମତି ନିଆଯାଇ ନ ଥିବାବେଳେ କେଉଁ ନିୟମ ବଳରେ ସମ୍ପୃକ୍ତ ବ୍ୟବସାୟୀ ବାସଗୃହରେ ମଦ ଦୋକାନ ଖୋଲିଛନ୍ତି ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଏହି ମର୍ମରେ ଗୁରୁବାର ରାଉରକେଲା ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କର୍ମୀ ଓ କର୍ମକର୍ତ୍ତାମାନେ ବାସନ୍ତୀ କଲୋନୀ ଏମ. ବ୍ଲକ୍ ଛକରେ ଖୋଲିଥିବା ଏହି ମଦ ଦୋକାନ ପାର୍ଶ୍ୱରେ ସମବେତ ହୋଇ ତୁରନ୍ତ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି କରିଥିଲେ। ପରେ କଂଗ୍ରେସ କର୍ମୀମାନେ ଏକ ପଦଯାତ୍ରାରେ ଯାଇ ସୁନ୍ଦରଗଡ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମଦ ଦୋକାନ ସ୍ଥାନାନ୍ତର ନ ହେଲେ ଆଗାମୀ ଦିନରେ କଂଗ୍ରେସ ଜନଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛି। କାର୍ଯ୍ୟକ୍ରମରେ ତିର୍କୀଙ୍କ ସମେତ ପୂର୍ବତନ ଜିଲା କଂଗ୍ରେସ ସଭାପତି ବୀରେନ ସେନାପତି, ଜିଲା କଂଗ୍ରେସ ଉପସଭାପତି ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, କଂଗ୍ରେସ ମୁଖପାତ୍ର ଇଂ. ଆର୍‌ପି ସିଂହ, ମହିଳା ସଭାନେତ୍ରୀ ଲତା ନାୟକ, ପିସିସି ସଭ୍ୟା ପ୍ରଭାତୀ ମିଶ୍ର, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ତୁଳସୀ ନାଗ, ସମ୍ପାଦକ ରବୀନ୍ଦ୍ର ଦାସ, ଫିସରମ୍ୟାନ କଂଗ୍ରେସ ଅଧକ୍ଷ ସିଦ୍ଧେଶ୍ୱର ମଲ୍ଲିକ, କଂଗ୍ରେସ କୃଷକ ସେଲ ଅଧକ୍ଷ ମନମୋହନ ଓରାମ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ଦାସ, ଛାତ୍ରନେତା ସୁନୀଲ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଅଂଶଗ୍ରହଣ କରିଥିଲେ।


କଂଗ୍ରେସ କର୍ମୀମାନେ ସ୍ମାରକପତ୍ର ଦେବାକୁ ପଦଯାତ୍ରାରେ ଯାଉଛନ୍ତି।

**ପଦଯାତ୍ରାରେ ଯାଇ ସ୍ମାରକପତ୍ର ଦେଲା କଂଗ୍ରେସ**

**ମହିଳା ସାହିତ୍ୟ କୃତି ଶୀର୍ଷକ ଆଲୋଚନାଚକ୍ର**

ସମ୍ବଲପୁର,(ବ୍ୟୁରୋ): ମହିଳା ସାହିତ୍ୟ କୃତୀ ଶୀର୍ଷକ ଆଲୋଚନାଚକ୍ର ହୀରାକୁଦ କଲେଜ ଇଂରାଜୀ ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ଡ. ମଞ୍ଜୁଶ୍ରୀ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଲେଖିନୀ ଚାଳନା କରିବା ଲାଗି ଆହ୍ୱାନ ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ଅଧାପିକା ଅଲିଭା ଷଡଙ୍ଗୀ ମୁଖ୍ୟବକ୍ତା, ହୀରାକୁଦ କଲେଜ ଇଂରାଜୀ ଅଧାପକ ରାଜେଶ କୁମାର ପାତ୍ର ଯୋଗଦେଇ ରାଜ୍ୟ, ଦେଶ ଓ ବିଦେଶର ଲେଖିକାମାନଙ୍କ ସାହିତ୍ୟ କୃତୀ ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ସୀମନ୍ତିକା ଦାଶ ସଂଯୋଜନା କରିଥିଲେ। ଭର୍ଚୁଆଲ ଜରିଆରେ ଆୟୋଜିତ ଆଲୋଚନାଚକ୍ରରେ ରାଜ୍ୟ ତଥା ରାଜ୍ୟ ବାହାର ବିଭିନ୍ନ କଲେଜରୁ ୫୦ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

**ସଂକ୍ଷେପରେ**

## ରକ୍ତଦାନ ଶିବିର: ୨୭ ୟୁନିଟ୍ ସଂଗ୍ରହ

ଝାରସୁଗୁଡ଼ା ଅଫିସ,୨୯।୭: ସ୍ୱେଚ୍ଛାସେବୀ ସଂଗଠନ ଲଖନପୁର ପରିବାର ତରଫରୁ ଲଖନପୁର ପଞ୍ଚାୟତ ରାଜୀବ ଭବନ ପରିସରରେ ଗୁରୁବାର ରକ୍ତଦାନ ଶିବିର କରାଯାଇ ୨୭ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଛଡାରମା ଗ୍ରାମର ଦିବ୍ୟାଙ୍ଗ ଯୁବକ ବୈଲୋଚନ କୁମୁରା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ। କୋଭିଡ୍ ସମୟରେ ଝାରସୁଗୁଡ଼ା ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବ ପରିଲକ୍ଷିତ ହୋଇଥିବାବେଳେ ଏହାକୁ ଦୃଷ୍ଟିରେରଖି ଲଖନପୁର ପରିବାର ତରଫରୁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଲଖନପୁର ସରପଞ୍ଚ ନିରୁପମା ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଲଖନପୁର ବ୍ଲକ୍ ସରପଞ୍ଚ ସଂଘ ସଭାପତି ପ୍ରଦୀପ ବିଶ୍ୱାଳ, ସାଧାରଣ ସମ୍ପାଦକ ଅକ୍ଷୟ ସାହୁ, ଭଇଁରଖୋଲ ସରପଞ୍ଚ ଅଶ୍ୱିନୀ ପ୍ରଧାନ, କତରବଗା ସରପଞ୍ଚ ରୋହିତ ଧୁରୁଆ, ସାମାଜିକ କର୍ମୀ ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ବ୍ଲଡ୍‌ବ୍ୟାଙ୍କ ଅଧିକାରିଣୀ ଡାକ୍ତର ସିଲବନ୍ତୀ ଜୋଜ୍, କିରଣ କୁମାର ସାହୁ, ଜ୍ଞାନେଶ୍ୱର ପଟେଲ, ଭବାନୀ ଶଙ୍କର ସୁନ୍ୟାନୀ ପ୍ରମୁଖ ସ୍ୱାସ୍ଥ୍ୟକର୍ମୀ ରକ୍ତ ସଂଗ୍ରହ କରିଥିଲେ। ଲଖନପୁର ପରିବାରର ସଦସ୍ୟ ବେଦବ୍ୟାସ ସାହୁ, ନରେଶ ଖମାରୀ, ଝସକେତନ ବିଶ୍ୱାଳ, କ୍ଷେତ୍ରମୋହନ ସାହୁ, ଅଜୟ ସାହୁ ସହଯୋଗ କରିଥିଲେ।

## ଟେନ୍‌ସାରେ ମୋ ସ୍କୁଲ ଅଭିଯାନ ଆରମ୍ଭ



ଟେନସା,୨୯।୭(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ଅନ୍ତର୍ଗତ ଟେନସାଠାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ଗୁରୁବାର ଆରମ୍ଭ ହୋଇଛି। ବରିଷ୍ଠ ଶିକ୍ଷୟିତ୍ରୀ ମନୋରମା ଦାଶ ବେଦପାଠ କରିଥିଲେ। ସିଆରସିସି ପ୍ରଶାନ୍ତ କୁମାର ପରିଡାଙ୍କ ଅଧକ୍ଷତାରେ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଟେନସା ସରପଞ୍ଚ ଅନିତା ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ଡିଏଭି ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ବେଦବାକ, ଇସ୍ପାତ ବିଦ୍ୟାଳୟ ଅଧକ୍ଷ ଧନେଶ୍ୱର ଜୟପୁରିୟା, ଟାଟା ଷ୍ଟିଲ ଏସ୍ପାର କିଡ୍‌ର ମୁଖ୍ୟ ରମେଶ କୁମାର ଗୁପେ ଯୋଗଦେଇ ମୋ ସ୍କୁଲ ଅଭିଯାନରେ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଉପରେ ମତ ରଖିଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ସଭାପତି, ଉପଦେଷ୍ଟା, ସମ୍ପାଦକ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ସମୀର କୁମାର ପାଢ଼ୀ, ସଭାପତି ଭାବେ ଶଙ୍କର ଭଗତ, ସମ୍ପାଦକ ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବିଶ୍ୱାଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ସେମାନେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ମତ ରଖିଥିଲେ। ସଭାରେ ଶିକ୍ଷୟିତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# କଟ୍‌ଅଫ୍ ଡେଟ୍‌କୁ ନେଇ ମାନସ ମନ୍ଥନ

ଝାରସୁଗୁଡ଼ା ଅଫିସ,୨୯।୭



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଚାଲିଥିବା ତ୍ରିପାକ୍ଷିକ ବୈଠକ।

**ତ୍ରିପାକ୍ଷିକ ବୈଠକ**

**■ମାସେହେଲା ଚାଲିଛି ବିସ୍ଥାପିତଙ୍କ ଆନ୍ଦୋଳନ**

୯ଦଫା ଦାବି ନେଇ ଏମ୍‌ସିଏଲ୍ ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ଗତ ମେ ୨୮ରୁ ଲଖନପୁର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଛନ୍ତି। ଆନ୍ଦୋଳନର ୩୨ଦିନରେ ଗୁରୁବାର ଜିଲାପାଳ ସମ୍ମିଳନୀ କକ୍ଷରେ ଏକ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପ୍ରଶାସନ ତରଫରୁ ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଶିବ ଟପ୍ପୋ, ଆଲୋମଣି ସେଠୀ, ତହସିଲଦାର ବିଶ୍ୱ କେଶନ ପାଣ୍ଡେ, ଏସ୍‌ଡିପିଓ ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ସିଏଲ୍ ତରଫରୁ ଜିଏମ୍ ଅନିଲ କୁମାର ସିଂହ, ଜିଏମ୍ (ଆର୍‌ଆଣ୍ଡଆର୍) ଅନୁପମ ଶ୍ରୀବାସ୍ତବ ଓ ସୁନିଲ ଶର୍ମା ଏବଂ ଗ୍ରାମବାସୀଙ୍କ ତରଫରୁ ଲଖନପୁର କୋଇଲା ଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁ, ଉପଦେଷ୍ଟା ଗୋପୀନାଥ ମାଝି, ଗୋବିନ୍ଦ କରାଳୀ, ସରୋଜ ଛଞ୍ଚାଣ, ଅଶୋକ ବୁଦ୍ଧିଆ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରମୁଖ ଦାବି ମଧ୍ୟରେ ରହିଛି ୧୯୯୫ ମସିହା କଟ୍‌ଅଫ୍ ଡେଟ୍ ପରିବର୍ତ୍ତନ କରି ନୂତନ ଡେଟ୍ ଲାଗୁକରିବା। ଏ ନେଇ ଆର୍‌ପିଡିଏସି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। କିନ୍ତୁ ଏହା ଏମ୍‌ସିଏଲ୍ ବୋର୍ଡରେ କାଟ ଖାଇଥିଲା। ନୂତନ କଟ୍‌ଅଫ୍ ଡେଟ୍ ଲାଗୁ ପାଇଁ ଗ୍ରାମବାସୀ ଅଡିବସିଥିବାବେଳେ ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଏହାକୁ ଅଗ୍ରାହ୍ୟ କରିଦେଇଛନ୍ତି। ଏ ନେଇ ଜିଲା ପ୍ରଶାସନ ରାଜସ୍ୱ ବିଭାଗ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ। ସରକାର ଯାହା ନିଷ୍ପତ୍ତି ନେବେ ତାହା ଗ୍ରାମବାସୀଙ୍କୁ ଜଣାଇ ଦିଆଯିବ ବୋଲି ଜିଲାପାଳ ସାମଲ କହିଛନ୍ତି। ଏହି ନିଷ୍ପତ୍ତି ଆସିବା ପର୍ଯ୍ୟନ୍ତ ଆନ୍ଦୋଳନ ସ୍ଥଗିତ ରଖିବା ପାଇଁ ଜିଲାପାଳ ଗ୍ରାମବାସୀଙ୍କୁ ଅନୁରୋଧ କରିଥିଲେ। ହେଲେ ଗ୍ରାମବାସୀ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ଜଣାପଡିଛି।

# ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୨୯।୭(ବ୍ୟୁରୋ)

**ମୃତ୍ୟୁ ପୂର୍ବରୁ ମହିଳା କନଷ୍ଟେବଲଙ୍କ ନାମ ନେଇଥିଲେ**

ସମ୍ବଲପୁର ଜିଲା ଟାଉନ ଥାନା ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରିଥିବା ଯୁବକ ନବୀନ ଶର୍ମାଙ୍କ ଗୁରୁବାର ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ଆତ୍ମହତ୍ୟା ପୂର୍ବରୁ ଜୁଲାଇ ୨୭ରେ ନବୀନ ଜଣେ ମହିଳା କନଷ୍ଟେବଲଙ୍କୁ ଦାୟୀ କରିଥିଲେ। ସେ ଗଣମାଧ୍ୟମ ଆଗରେ କହିଥିଲେ ଯେ, ୨୦୧୦ରୁ ପୋଲିସ ବିଭାଗର ଜଣେ କନଷ୍ଟେବଲଙ୍କ ସହ ତାଙ୍କର ସମ୍ପର୍କ ଗଢିଉଠିଥିଲା। ଉଭୟେ ପରସ୍ପରକୁ ଭଲ ପାଉଥିଲେ। ହେଲେ କିଛିବର୍ଷ ହେବ ସେ ପ୍ରତାରଣ କରିଆସୁଛନ୍ତି। ପୋଲିସ ପାଖରେ ଅଭିଯୋଗ କଲାପରେ ପଦକ୍ଷେପ ଗ୍ରହଣ କଲା ନାହିଁ। ଅନ୍ୟପଟେ ମହିଳା କନଷ୍ଟେବଲ ଜଣଙ୍କ ଜୁଲାଇ ୨୭ରେ ନବୀନଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ନବୀନ ତାଙ୍କୁ ମାନସିକ ନିର୍ଯାତନା ଦେବା ସହ ଗାଳିଗୁଲଜ କରୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଟାଉନ ଥାନାରେ ଏ ନେଇ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ପ୍ରକାଶ କର୍ଣ୍ଣ କହିଛନ୍ତି, ଘଟଣାର ୨ଦିନ ପରେ ନବୀନଙ୍କ ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। କେଉଁ କାରଣରୁ ତାଙ୍କର ମୃତ୍ୟୁ ହୋଇଛି ତାହା ସ୍ପଷ୍ଟ ହୋଇଯିବ। ମହିଳା କନଷ୍ଟେଲଙ୍କୁ ଦାୟୀ କରିଥିବା ଚର୍ଚ୍ଚା ହେଉଛି। ହେଲେ ତଥ୍ୟ ପ୍ରମାଣ ସହିତ ଅଭିଯୋଗ ଆସିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ, ଜୁଲାଇ ୨୭ରେ ନବୀନ ଟାଉନ ଥାନା ସମ୍ମୁଖରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ନେଇଥିଲା। ସେଠାରୁ ବୁର୍ଲା ଭିମ୍‌ସାର ସ୍ଥାନାନ୍ତର କରାଯାଇଥିଲା।

# ଆଶ୍ରମ, ସେବାଶ୍ରମରେ ଶିକ୍ଷକ ନିଯୁକ୍ତି ନାହିଁ

ଜମନକିରା, ୨୯।୭ (ଡି.ଏନ.ଏ.)

ସମ୍ବଲପୁର ଜିଲା ଆଇଟିଡିଏ ଘୋଷିତ କୁଚିଣ୍ଡା ଉପଖଣ୍ଡର ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକରେ ତଫସିଲଭୁକ୍ତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଗୋଟିଏ ଯୁକ୍ତଦୁଇ କଲେଜ, ୭ ଗୋଟି ଉଚ୍ଚ ବିଦ୍ୟାଳୟ (ଆଶ୍ରମ ସ୍କୁଲ), ଅନେକଗୁଡ଼ିଏ ପ୍ରାଥମିକ ବିଦ୍ୟାଳୟ ଅର୍ଥାତ୍ ସେବାଶ୍ରମ ପରିଚାଳିତ ହେଉଛି। ଆବାସିକ ଥିବା ଏସବୁ ଅନୁଷ୍ଠାନରେ ସହସ୍ରାଧିକ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ଗତ କେଇବର୍ଷ ହେଲା ବିଜ୍ଞାନ, ଗଣିତ ସହ ଅନ୍ୟ ବିଭାଗରେ ଶିକ୍ଷକ ପଦବୀ ଖାଲି ଥିବାରୁ ପିଲାମାନେ ଅଫ୍‌ଲାଇନ କିମ୍ବା ଅନ୍‌ଲାଇନ ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ସେଥିପାଇଁ ଅର୍ଡାବହାଲ, ବଦମୁଣ୍ଡଲୋଇ ଆଦି ସ୍କୁଲର ଅଭିଭାବକ ସଂଘ ତୁରନ୍ତ ଖାଲି ଥିବା ପଦବୀ ପୂରଣ କରି ପାଠପଢା ସୁଗମ କରିବାକୁ ଦାବି କରିଛନ୍ତି।

ସୂଚନାଯୋଗ୍ୟ କୁଚିଣ୍ଡା ସମେତ ସମ୍ବଲପୁର ଓ ରେଢ଼ାଖୋଲ ଉପଖଣ୍ଡରେ ଥିବା ସ୍କୁଲଗୁଡିକରେ ଶତାଧିକ ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲି ଥିବାରୁ ବର୍ଷକ ତଳେ ସମଗ୍ର ରାଜ୍ୟରୁ ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥିନୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ପରେ ସଂଶୋଧନ କରି ଜିଲାର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବାକୁ ବିଜ୍ଞାପନ ପ୍ରକାଶ ପାଇଥିଲା। ଇତିମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ମେରିଟ ଲିଷ୍ଟ ଘୋଷଣା ହୋଇଥିଲେ ବି ସାର୍ଟିଫିକେଟ ତନଖି ପାଇଁ ଡକାଯାଉ ନାହିଁ। ଜିଲା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବା ନେଇ ଘୋଷଣା ପରେ ନିଜ ସମ୍ପର୍କୟ ଜିଲା ବାହାର ପ୍ରାର୍ଥୀଙ୍କୁ ସୁଯୋଗ ଦେଇପାରୁ ନା ଥିବାରୁ କର୍ତ୍ତୃପକ୍ଷ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ଏଣୁ ନାମଲେଖା ପ୍ରକ୍ରିୟ ସରିବା ପୂର୍ବରୁ ଖାଲି ପଦବୀ ପୂରଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ମୃତ୍ୟୁଞ୍ଜୟ ବଡ଼ପଣ୍ଡାଙ୍କୁ ପଚାରିବାରୁ ସେ ସରକାର ଓ ବିଭାଗୀୟ ଉଚ୍ଚ କର୍ତ୍ତପକ୍ଷଙ୍କୁ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଶୀଘ୍ର କରିବା ପାଇଁ ଜଣାଇଥିବା କହିଥିଲେ।

## ଭାଜପା କୋଲାବିରା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ

ଝାରସୁଗୁଡ଼ା ଅଫିସ,୨୯।୭

ଭାଜପା କୋଲାବିରା ମଣ୍ଡଳ ତରଫରୁ ଗୁରୁବାର ମଣ୍ଡଳ ସଭାପତି ରାଜେଶ ଦାସଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକାରିଣୀ ବୈଠକ ଅନିଷ୍ଠିତ ହୋଇଯାଇଛି। ପ୍ରଥମେ କରୋନାରେ ପ୍ରାଣ ହରାଇଥିବା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ପରେ ଦଳର ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେ ଉପରେ ଆଲୋଚନା ହୋଇଥିଲା। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ନେତା ଓ କର୍ମୀ ଲୋକଙ୍କ ନିକଟରେ ପହଞ୍ଚି ସମସ୍ୟା ସମାଧାନ ପାଇଁ ପ୍ରୟାସ କରାଯିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଛି। ଝାରସୁଗୁଡାରେ ଗଢିଉଠିଥିବା ବିଭିନ୍ନ କଳକାରଖାନାରେ ସ୍ଥାନୀୟ ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାର କୋଭିଡ୍ ହସ୍ପିଟାଲ୍‌ରେ ଅକ୍ସିଜେନ୍ ପ୍ଲାଣ୍ଟ ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିରେ ଭାଜପା ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଓ ଜିଲା ସାଧାରଣ ସମ୍ପାଦକ ପ୍ରେମସେନ୍ ରଏ, ନବଲ ଅଗ୍ରୱାଲ, ନେତାଜୀ ପଟ୍ଟନାୟକ, ଅରୁଣ ବେହେରା, ମନୋଜ ସାହୁ, କୁଳଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ଡିପ୍ଲୋମା ପାଠ୍ୟକ୍ରମ




ଭର୍ଚୁଆଲରେ ଯୋଗଦେଇଥିବା ଅତିଥି।

ସମ୍ବଲପୁର,୨୯।୭ (ବ୍ୟୁରୋ)

ଦେଶ ଓ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଲାଗି ରହିଛି। ସତର୍କତା ଓ ସଚେତନତା ଯୋଗୁ ଭାରତୀୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା ବିଶ୍ୱରେ ଖ୍ୟାତି ଅର୍ଜନ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ ମିଳିତ ସହଯୋଗରେ ଗୁରୁବାର ଦୁଇଟି ପାଠ୍ୟକ୍ରମ ଆରମ୍ଭ ହୋଇଛି। ଛାତ୍ରୀଛାତ୍ର ବିପର୍ଯ୍ୟୟ ପରିଚାଳନା ଡିପ୍ଲୋମା ଓ ସାର୍ଟିଫିକେଟ ପାଠ୍ୟକ୍ରମ ପଢ଼ିବା ସୁଯୋଗ ପାଇପାରିବେ। ସମ୍ବଲପୁର ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। ଭର୍ଚୁଆଲରେ ରାଜ୍ୟ, ରାଜ୍ୟ ବାହାର ଓ ବିଦେଶରୁ ଶତାଧିକ ଶିକ୍ଷାର୍ଥୀ, ଶିକ୍ଷକ, ଅଧ୍ୟାପକ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରାମର୍ଶଦାତା ତଥା ପାଠ୍ୟକ୍ରମ ସଂଯୋଜକ ଡ. ସୟଦ ତୈଫୁଲୁର୍ ରେହେମାନ୍ ଆରମ୍ଭ ହୋଇଥିବା ପାଠ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ବିହାର ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣର ପ୍ରାକ୍ତନ ଉପାଧକ୍ଷ ଅନିଲ୍ କୁମାର ସିହ୍ନା ସମ୍ମାନିତ ଅତିଥି, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ମାନସରଞ୍ଜନ ପୂଜାରୀ ଧନ୍ୟବାଦ ଦେଇଥିଲେ। ବିପର୍ଯ୍ୟୟ ପରିଚାଳନା ଡିପ୍ଲୋମା ୩ ମାସିଆ ଓ ସାର୍ଟିଫିକେଟ ପାଠ୍ୟକ୍ରମ ୧ ବର୍ଷର ରହିଛି। ଯୁକ୍ତ ୨ ପାସ କରିଥିବା ଛାତ୍ରୀଛାତ୍ର ଏଥିରେ ନାମ ଲେଖାଇପାରିବେ।

# ମହିଳା ସଂଗଠନ ମଜଭୁତ କରିବାକୁ ଆହ୍ୱାନ




ସର୍ଗିପାଲିଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଅତିଥି ଓ ଅନ୍ୟମାନେ।

ସୁନ୍ଦରଗଡ, ୨୯।୭ (ଡି.ଏନ୍.ଏ.)

**ସୁନ୍ଦରଗଡରେ ବିଜେଡି ମହିଳା କର୍ମୀ ସମ୍ମିଳନୀ**

ସୁନ୍ଦରଗଡ ନିର୍ବାଚନମଣ୍ଡଳୀର ସର୍ଗିପାଲିଠାରେ ଗୁରୁବାର ବିଜେଡି ମହିଳା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ରଂଜନା ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ। ସମ୍ମିଳନୀରେ ଜିଲା ବିଜେଡି ସଭାପତି ତଥା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ ଏବଂ ପୂର୍ବତନ ବିଧାୟକ ତଥା ରାଜ୍ୟ ସାଧାରଣ ସମ୍ପାଦକ ଯୋଗେଶ କୁମାର ସିଂ ଅତିଥିଭାବେ ଯୋଗ ଦେଇଥିଲେ। ଅତିଥିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କ ବିକାଶ ପାଇଁ କାର୍ଯ୍ୟକାରୀ କରିଥିବା ବିଭିନ୍ନ ଯୁଗାନ୍ତକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହିସବୁ ଯୋଜନାଗୁଡିକର ସୁଫଳ କିଭଳି ତୃଣମୂଳ ସ୍ତରରେ ପହଞ୍ଚିବ ସେ ଦିଗରେ ମହିଳା କର୍ମୀ ଓ କର୍ମକର୍ତ୍ତା ତତ୍ପର ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଆଗାମୀ ଦିନରେ ସୁନ୍ଦରଗଡରେ କିଭଳି ମହିଳା ସଂଗଠନକୁ ମଜବୁତ କରାଯିବ ସେ ଦିଗରେ ପ୍ରତ୍ୟେକ ପଞ୍ଚାୟତ ଓ ବୁଥସ୍ତରରୁ ନିଷ୍ଠାପର ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଙ୍ଗରପାଲି ବ୍ଲକ ଅଧକ୍ଷ ଜଟିଆ ମୁଣ୍ଡା, ସଦର ବ୍ଲକ ଅଧକ୍ଷା ରକ୍ଷ୍ମଣୀ ନାଏକ, ପୂର୍ବତନ ଜିଲା ପରିଷଦ ସଭ୍ୟା ବୈଦେହୀ ବାଗ୍, ସଦର ବ୍ଲକ ଉପାଧକ୍ଷ ଅଶ୍ୱିନୀ ନାଏକ, ବିଜୁ ଛାତ୍ର ଜନତା ସଭାପତି ସାହାବାଜ୍ ହୁସେନ୍, ପୂର୍ବତନ ଉପନଗରପାଳ ସୁମନ୍ତ ପଣ୍ଡା, ହେମଗିର ବ୍ଲକ ଅଧକ୍ଷା ସୁଧାରାଣୀ ରାଉଡିଆ, ମୈଥିଳୀ ବେହେରା, ସବିତା ପ୍ରଧାନ, ମନୋଜ ପଟେଲ, ବୀରେନ୍ଦ୍ର ପଟେଲଙ୍କ ସମେତ ରେମଣ୍ଡା, ରାଏଡିହି ଏବଂ ସୁମରା ପଞ୍ଚାୟତ ସରପଞ୍ଚ ଉପସ୍ଥିତ ଥିଲେ। ଏହି ଅବସରରେ ସୁନ୍ଦରଗଡର ଜଣାଶୁଣା ମହିଳା ସମାଜସେବୀ ରଶ୍ମି ଏକ୍କା ବିଜେଡିରେ ଯୋଗଦେଇଥିଲେ। ସମ୍ମିଳନୀରେ ସୁନ୍ଦରଗଡ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ପଞ୍ଚାୟତର ମହିଳା କର୍ମୀମାନେ ଯୋଗ ଦେଇଥିଲେ।

## ସମ୍ବଲପୁର ଡେଭଲପମେଣ୍ଟ ଫୋରମ୍ ବୈଠକ

ସମ୍ବଲପୁର,୨୯।୭ (ବ୍ୟୁରୋ)

ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଭିମ୍‌ସାରକୁ ରାଜ୍ୟ ସରକାର ୧ହଜାର କୋଟି ଟଙ୍କା ଆର୍ଥିକ ଅନୁଦାନ ଦେବା ଜରୁରୀ। ଯଦ୍ୱାରା ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ସହ ରୋଗୀମାନେ ସହଜରେ ସ୍ୱାସ୍ଥ୍ୟସେବା ପାଇପାରିବେ। ଗୁରୁବାର ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ସମ୍ବଲପୁର ଡେଭଲପମେଣ୍ଟ ଫୋରମ୍ ବୈଠକରେ ଏହି ମତପ୍ରକାଶ ପାଇଛି। ଆଗାମୀ ଦିନରେ ଏ ନେଇ ରାଜ୍ୟ ସରକାରଙ୍କୁ ସ୍ମାରକପତ୍ର ଦିଆଯିବାକୁ ନିଷ୍ପତ୍ତି ହୋଇଛି। ସୁନ୍ଦରଗଡରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା, ସମ୍ବଲପୁରରେ ମଲ୍ଟି ସୁପର ସ୍ପେଶାଲିଟି ହସ୍ପିଟାଲ ବିଷୟରେ ଆଲୋଚନା କରାଯାଇଥିଲା।

# ପାଣି ନିଷ୍କାସନ ବ୍ୟବସ୍ଥା ନାହିଁ, ଲୋକେ ହଇରାଣ

କୁଚିଣ୍ଡା,୨୯।୭ (ଡି.ଏନ.ଏ.)

୧୧ ୱାର୍ଡ ବିଶିଷ୍ଟ କୁଚିଣ୍ଡା ଏନ୍‌ଏସିର ବହୁ ସ୍ଥାନରେ ପାଣି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ବର୍ତ୍ତମାନ ବର୍ଷା ଋତୁରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ଆଗରୁ ସହରରେ ଥିବା ନାଳ ନର୍ଦ୍ଦମା ସଫା କରିବା ସହ ବର୍ଷା ଜଳ କିପରି ନିଷ୍କାସନ ହୋଇପାରିବ ସେ ନେଇ ବ୍ୟବସ୍ଥା କରାଯିବା କଥା। ହେଲେ ତାହା କରାଯାଇ ନ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ଯାତାୟାତରେ ବାଧା ସୃଷ୍ଟି ହେଉଛି। କୁଚିଣ୍ଡା ବସ୍‌ଷ୍ଟାଣ୍ଡ ନ୍ୟୁ-ମାର୍କେଟ କମ୍ପ୍ଲେକ୍ସଠାରେ ଆଣ୍ଠୁଏ ପାଣି ଜମିରହିଥିବାରୁ ଲୋକେ ସାମଗ୍ରୀ କିଣିବାରେ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏନ୍‌ଏସି ପକ୍ଷରୁ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ରାଜରାସ୍ତାକୁ ବିଗାଡୁଛି ଟ୍ରାକ୍ଟର ଲୁହାଚକ

ଜମନକିରା, ୨୯।୭(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଜମନକିରା ବ୍ଲକ୍ ଦେଇ କୋଲକାତା-ମୁମ୍ବାଇ ରାଜରାସ୍ତା ଅତିକ୍ରମ କରିଛି। ଏହି ରାସ୍ତାରେ ପ୍ରତ୍ୟହ ଲୁହା ଚକ ଲାଗିଥିବା ଟ୍ରାକ୍ଟର ଯାତାୟାତ କରୁଥିବାରୁ ରାସ୍ତା ଖରାପ ଆଡ଼କୁ ଗତି କରୁଛି। ଆଗାମୀ ଦିନରେ ଏହାକୁ ରୋକା ନ ଗଲେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିବ ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି। ସୂଚନା ଅନୁଯାୟୀ ଖରିଫ ଚାଷ ପାଇଁ ଟ୍ରାକ୍ଟର ମାଲିକମାନେ ଗାଡ଼ିରେ ଲୁହା ଚକ ଲଗାଇ ଜମି କାଦୁଅଠାରୁ ଆରମ୍ଭ କରି ବିହୁଡ଼ା କାର୍ଯ୍ୟ କରୁଛନ୍ତି। ତେବେ ଲୁହାଚକ ଲାଗିଥିବା ଟ୍ରାକ୍ଟର ରାସ୍ତାରେ ଯିବାଆସିବା କରୁଥିବାରୁ ରାସ୍ତା କଟିଯାଇ ପିଚୁ ଓ ଗୋଡ଼ି ଉଠିଯାଉଛି। ଶହ ଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଥିବା ବେଳେ ରାସ୍ତାଟି ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଏ ସମ୍ପର୍କରେ ସମ୍ବଲପୁର ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ କେ.ଏନ୍. ରାଓଙ୍କୁ ପଚାରିବାରୁ ସେ ତଦନ୍ତ କରି ଦୋଷୀ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



ରାଜପଥ ଉପରେ ଯାଉଥିବା ଲୁହାଚକ ଲାଗିଥିବା ଟ୍ରାକ୍ଟର।

# ଡାକ୍ତର କ୍ଷେତ୍ରରେ ଓଡ଼ିଶା ବଳକା ରାଜ୍ୟ ହେବ: ସ୍ୱାସ୍ଥ୍ୟମନ୍ତ୍ରୀ

ଝାରସୁଗୁଡ଼ା ଅଫିସ,୨୯।୭

ଝାରସୁଗୁଡ଼ା କାଳୀମନ୍ଦିର ପରିସରରେ ଗୁରୁବାର ହମ୍ ସାମାଜିକ ସଙ୍ଗଠନ, ସଙ୍ଗିନି ଗ୍ରୁପ୍, ବେଙ୍ଗୋଲି ସମତି, କାଳିବାଡି ଦୁର୍ଗାପୂଜା କମିଟି, ବିବେକାନନ୍ଦ ସେବା ସମତି ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ମିଳିତ ସହଯୋଗରେ ୨ଦିନିଆ ଟିକାକରଣ କେନ୍ଦ୍ର ଆରମ୍ଭ ହୋଇଛି। ଏଥିରେ ୨ଶହ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବା ଲକ୍ଷ୍ୟ ରହିଛି। ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ତାପସ ରାୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ମନ୍ତ୍ରୀ ଦାସ, ଜିଲା ମୁଖ୍ୟ ଚିକିତ୍ସକ ଡା. ଲାଲ୍‌ମୋହନ ରାଉତରାୟ, ସନ୍ଦିପ ଅଗସ୍ତୀ ପ୍ରମୁଖ ଯୋଗଦେଇଥିଲେ। କରୋନା ଯୋଦ୍ଧା ଭାବେ ସିଡିଏମ୍‌ଓ ଡା. ରାଉତରାୟ, ଡା. ସୁପ୍ରଭା ବାରିକ, ରମେଶ କୁମାର ମିଶ୍ର, ଟଙ୍କଧର ପ୍ରଧାନ, ସୁଭିନ ଚନ୍ଦ୍ରକାନ୍ତ ପଣ୍ଡା ଓ ସୋମାରୀ ହେମ୍ବ୍ରମଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।




ଜିଲାର କରୋନା ଯୋଦ୍ଧା ଜଣେ ଡାକ୍ତରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି।

ମନ୍ତ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜ୍ୟ ସରକାରଙ୍କ ତରଫରୁ ଟିକାକରଣ କେନ୍ଦ୍ର ଖୋଲାଯାଇ ଲୋକଙ୍କୁ ଟିକା ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଝାରସୁଗୁଡା ଜିଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ମନ୍ତ୍ରୀ ପ୍ରଶଂସା କରିଥିଲେ। ସେ କହିଥିଲେ ୨ବର୍ଷ ତଳେ ଝାରସୁଗୁଡା ଜିଲାରେ ହାର୍ଟ ହସ୍ପିଟାଲ୍ ଆରମ୍ଭ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ସମ୍ପୂର୍ଣ୍ଣ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିବେ। ଏହା ସହିତ ଡାଇଗ୍ନୋସିସ୍ ସେଣ୍ଟର ଓ କ୍ୟାନ୍‌ସର୍ ହସ୍ପିଟାଲ୍ ଯେଉଁଦିନ ସମ୍ପୂର୍ଣ୍ଣ ହେବ ସେ ଦିନ ଝାରସୁଗୁଡା ଜିଲାର ସ୍ୱାସ୍ଥ୍ୟସେବା ଚିନ୍ତାଧାରା ୫୦ପ୍ରତିଶତ କମ୍ ହେବ। ସେ ଆହୁରି କହିଥିଲେ ୧୯୪୭ରୁ ରାଜ୍ୟରେ ୩ ମେଡିକାଲ୍ କଲେଜ ପ୍ରତିଷ୍ଠା ହୋଇଥିଲା। ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ରାଜ୍ୟରେ ୭ ମେଡିକାଲ କଲେଜ ପ୍ରତିଷ୍ଠା ହୋଇପାରିଛି। ଆସନ୍ତା ୨୦୨୪ ପୂର୍ବରୁ ନିଶ୍ଚିତଭାବେ ଓଡ଼ିଶା ଡାକ୍ତର କ୍ଷେତ୍ରରେ ବଳକା ରାଜ୍ୟ ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ନିହାର ତ୍ରିପାଠୀ, ସୁନିଲ ଚକ୍ରବର୍ତ୍ତୀ, ଆଶିଷ ଭଟ୍ଟାଚାର୍ଯ୍ୟ, ପୁପୁ ମହାନ୍ତି, ସିଦ୍ଧାର୍ଥ ସରକାର, ରିଙ୍କି କୌର୍, ସରିତା ଅଗ୍ରୱାଲ, ଅନିଲ ବିଶ୍ୱାସ, ରେଖୋରାୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ମର୍ଣ୍ଣିଂ ୱାକ୍ ବେଳେ ଲୁଟ୍ ଉଦ୍ୟମ

ବରପାଲି,(ଡି.ଏନ.ଏ): ବରପାଲିରେ ଅସାମାଜିକ ତତ୍ତ୍ୱ ସକ୍ରିୟ ହୋଇ ଉଠିଛନ୍ତି। ପ୍ରତ୍ୟେହ ଭୋରରୁ ମର୍ଣ୍ଣିଂୱାକ୍ ଯାଉଥିବା ମହିଳାମାନଙ୍କୁ ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି । କିଛି ଦିନ ତଳେ କେନାଲ ଛକ ଉଦ୍ୟାନ ନିକଟରେ ମହିଳାଙ୍କ ଠାରୁ ଲୁଟ୍ ଉଦ୍ୟମ ହୋଇଥିଲା। ସେହିପରି ଗୁରୁବାର ଭୋର ସାଢ଼େ ୪ଟାରେ କେନାଲ କଲୋନୀ ରାସ୍ତାରେ ୪ଜଣ ମହିଳା ଯାଉଥିବା ବେଳେ ଅନ୍ଧାରର ସୁଯୋଗ ନେଇ ୨ ଜଣ ଦୁର୍ବୃତ୍ତ ବାଇକ୍ ଯୋଗେ ଆସି ଲୁଟ୍ ଉଦ୍ୟମ କରିଥିଲେ। ମହିଳାମାନେ ଜୋର୍‌ରେ ପାଟି କରିବାରୁ ସେମାନେ ସେଠାରୁ ଫେରାର ହୋଇଯାଇଥିଲେ। ପୋଲିସ ସକାଳେ ପାଟ୍ରୋଲିଂ କରିବାକୁ ଦାବି ହେଉଛି ।

**ସଂକ୍ଷେପରେ**

## ସାର ଜବତ ଘଟଣା: ମାନ ଯାଞ୍ଚ ପାଇଁ ପରୀକ୍ଷାଗାରକୁ ନମୁନା ପଠାଗଲା

**ଲାଠୋର,୨୯।୭(ଡି.ଏନ.ଏ.) :** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ଗ୍ରାମର ପଞ୍ଚମ ହଂସଙ୍କ ଦୋକାନରେ ବେଆଇନ ଭାବେ ଗଚ୍ଛିତ ଥିବା ୬୬ ବ୍ୟାଗ ୟୁରିଆ, ପଟାସ ଏବଂ ଡିଏପି ସାରକୁ ଗତ ୨୪ତାରିଖରେ ଜବତ କରାଯାଇଥିଲା। ବ୍ଲକ ସହ କୃଷି ଅଧିକାରୀ ସୁଜିତ ଭୋଇ, ତହସିଲଦାର ଧିରଜ କୁମାର ପାତ୍ର ଚଢ଼ାଉ ପରେ ଜବତ ସାରକୁ ଲଠୋର ସେବା ସମବାୟ ସମିତିକୁ ହସ୍ତାନ୍ତର କରିଥିଲେ। ସାର କେଉଁଠୁ ଆସିଲା ଓ ଏହାର ମାନ ସମ୍ପର୍କରେ ୭ଦିନ ମଧ୍ୟରେ ସୂଚନା ଦେବାକୁ ସମ୍ପୃକ୍ତ ଦୋକାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲ ଦୋକାନୀ ତଥ୍ୟ ପ୍ରଦାନ କରି ନ ପାରିବାରେ ଗୁରୁବାର ତହସିଲଦାର ଏବଂ ସହ କୃଷି ଅଧିକାରୀ ଲାଠୋର ସେବା ସମବାୟ ସମିତିକୁ ଆସି ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଇ ଛନ୍ତି।

## କାର୍ଯ୍ୟାଦେଶରେ ଗୋରୁ ଗୁହାଳ, ମିଳିଲା ଛେଳି ଗୁହାଳ ଟଙ୍କା




**ଲାଠୋର,୨୯।୭(ଡି ଏନ ଏ):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ଅନ୍ତର୍ଗତ ସରେଇବାହାଲ ଗ୍ରାମରେ ଗୋରୁ ଗୁହାଳ ବଣ୍ଟନରେ ପାତର ଅନ୍ତର କରାଯାଉଛି। ଏ ନେଇ ହିତାଧିକାରୀ ନାରାୟଣ ତାଣ୍ଡି ଅଭିଯୋଗ କରିଛନ୍ତି। ନାରାୟଣଙ୍କ ନାମରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାର୍ଯ୍ୟାଦେଶ ସଂଖ୍ୟା ୪୦/୨୮।୧୨।୨୦୧୯-୨୦ରିଖରେ ଗୁହାଳ ନିର୍ମାଣ ପାଇଁ ୧ଲକ୍ଷ ୧୩ହଜାର ଟଙ୍କା ମଞ୍ଜୁର କରାଯାଇଥିଲା। କାର୍ଯ୍ୟ ଆରମ୍ଭ କରିବା ପରେ ପଞ୍ଚାୟତ ଏବଂ ବ୍ଲକ କାର୍ଯ୍ୟାଳୟକୁ ବିଲ୍ ପାଇଁ ଦୌଡି ଥିଲେ ହେଁ ସୁଫଳ ପାଇ ନ ଥିଲେ। ଅଥଚ ତାଙ୍କ ସହ କାର୍ଯ୍ୟାଦେଶ ପାଇଥିବା ଅନ୍ୟ ହିତାଧିକାରୀଙ୍କ ବିଲ୍ ପଇଠ କରାଯାଉଥିଲା। ଅନ୍ୟନୋପାୟ ହୋଇ ଶେଷରେ ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ପଦକ୍ଷେପ ନେବାକୁ ଜିଲାପାଳ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷ ତୁମର ଗୋରୁ ଗୁହାଳ ନୁହେଁ, ୪୪ ହଜାର ଟଙ୍କା ବ୍ୟୟରେ ଛେଳି ଗୁହାଳ ହେବ ବୋଲି କହିଥିଲେ। ଅଥଚ ଛେଳି ଗୁହଳ ପାଇଁ କୌଣସି କାର୍ଯ୍ୟାଦେଶ ନଦେଇ ୨୨ ଜୁଲାଇ ୨୦୨୧ରେ ନାରାୟଣଙ୍କ ବ୍ୟାଙ୍କ ପାସ୍‌ବହିରେ ୨୨ହଜାର ଟଙ୍କା ଜମା କରାଯାଇଛି। ଏ ନେଇ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ମୁଁ ଏଠାରେ ନୂଆ କରି ଯୋଗ ଦେଇଛି। ତଦନ୍ତ କରି ପଦକ୍ଷେପ ନେବି ବୋଲି ସେ କହିଥିଲେ।

## କୃଷକ ସଶକ୍ତୀକରଣ ବିଭାଗର ଯାଞ୍ଚ

**ବରପାଲି,୨୯।୭ (ଡି.ଏନ.ଏ):** ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପଦାଧିକାରୀମାନେ ବୁଧବାର ବରପାଲି ଗସ୍ତରେ ଆସି ତଦନ୍ତ କରିଛନ୍ତି। ଏନଫୋର୍ସମେଣ୍ଟ ୱିଙ୍ଗ୍‌ର ବିଭିନ୍ନ ବିଭାଗରୁ ଆସିଥିବା ପଦାଧିକାରୀ ବରପାଲି ସ୍ଥିତ ସେବା ସମବାୟ ସମିତି ଓ ବିଭିନ୍ନ କୀଟନାଶକ ଦୋକାନୀଙ୍କର ଔଷଧର ମାନ ଯାଞ୍ଚ କରିଥିଲେ। ପରେ ବ୍ଲକ କୃଷି କାର୍ଯ୍ୟାଳୟକୁ ଯାଇ ସେଠାରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଶେଷରେ ବ୍ଲକର ବହିଆପଦର ଉଦ୍ୟାନ ବିଭାଗକୁ ପରିଦର୍ଶନ କରି ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିରେ କୃଷି ଅଧିକାରୀ ଗଦାଧର ସିଂ, ନବକିଶୋର ଦାଶ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

# ଆଜିଠୁ ମାଟ୍ରିକ୍ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା

**ବଲାଙ୍ଗୀର ଅଫିସ, ୨୯।୭**

■ ୧୫ ସେଣ୍ଟରରେ ପରୀକ୍ଷା ଦେବେ ୬୫୮ ପରୀକ୍ଷାର୍ଥୀ
■ ୩୯୧ ରେଗୁଲାର, ୨୬୭ମୁକ୍ତ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାର୍ଥୀ
■ ପରୀକ୍ଷା ପରିଚାଳନା ପାଇଁ ୨ଟି ସ୍କ୍ୱାଡ ଗଠିତ
■ ସାନିଟାଇଜ୍ ହେଲା ପରୀକ୍ଷା କେନ୍ଦ୍ର

କୋଭିଡ ମହାମାରୀ କାରଣରୁ ଦଶମ ଶ୍ରେଣୀର ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ଚଳିତବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଦେଇପାରି ନ ଥିଲେ। ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ୱତନ୍ତ୍ର ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷାର୍ଥୀଙ୍କୁ ପାଶ୍ କରାଯାଇଥିଲା। ନବମ ଓ ଦଶମ ଶ୍ରେଣୀ ମାର୍କ ଆଧାରରେ ମୂଲ୍ୟାୟନ କରାଯାଇଥିଲା। ତେବେ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଅନେକ ଛାତ୍ରୀଛାତ୍ର ସେମାନଙ୍କ ମାର୍କକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ପରୀକ୍ଷା ଦେଇଥିଲେ ନିଶ୍ଚିତ ରୂପେ ଅଧିକ ମାର୍କ ପାଇଥାନ୍ତେ ବୋଲି ଦାବି କରିଥିଲେ। ଏଭଳି ଅଭିଯୋଗ ପରେ ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା କରାଯିବାକୁ ସ୍ଥିର କରାଯାଇଥିଲା। ଶୁକ୍ରବାରଠାରୁ ଇମ୍ପ୍ରୁଭ୍‌ମେଣ୍ଟ ପରୀକ୍ଷା ଆରମ୍ଭ ହେବ। ଅଫ୍‌ଲାଇନ୍ ଜରିଆରେ ହେବାକୁ ଥିବା ଏହି ପରୀକ୍ଷା ପାଇଁ ବଲାଙ୍ଗୀର ଜିଲାରେ ସମସ୍ତ ସୁବ୍ୟବସ୍ଥା କରାଯାଇଛି।

ବଲାଙ୍ଗୀର ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ମାଟ୍ରିକ୍ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ପାଇଁ ଜିଲାରେ ୧୫ଟି ସେଣ୍ଟର କରାଯାଇଛି। ଏହି ୧୫ଟି ପରୀକ୍ଷା କେନ୍ଦ୍ରରେ ୨୯୫ ଜଣ


ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ୍ କରାଯାଉଛି।

ରେଗୁଲାର ଓ ୯୬ ଜଣ ଏକ୍ସ ରେଗୁଲାର ଏଭଳିକି ସମୁଦାୟ ୩୯୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏହା ସହିତ ରାଜ୍ୟ ମୁକ୍ତ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ମଧ୍ୟ ଅନୁଷ୍ଠିତ ହେବ। ଏଥିରେ ୨୬୭ ଜଣ ପରୀକ୍ଷାର୍ଥୀ ଏଭଳିସମୁଦାୟ ୬୫୮ ଜଣ ମାଟ୍ରିକ୍‌ପରୀକ୍ଷା ଦେବେ। କଡା ସୁରକ୍ଷା ଭିତରେ ପ୍ରଶ୍ନପତ୍ର ରଖାଯାଇଛି। ମାଟ୍ରିକ୍ ପରୀକ୍ଷା ପାଇଁ ଜିଲା ଶିକ୍ଷା ବିଭାଗ ତରଫରୁ ସମସ୍ତ ସୁବ୍ୟବସ୍ଥା କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ସୂଚନା ଦେଇଛନ୍ତି।

ଗୁରୁବାର ସମସ୍ତ ୧୫ଟି ପରୀକ୍ଷା କେନ୍ଦ୍ରକୁ ସାନିଟାଇଜ୍ କରାଯାଇଛି। ସାଲେଭଟାସ୍ଥିତ ଉତ୍କଳମଣି ହାଇସ୍କୁଲ, ଲୋଇସିଂହା ମହତାବ ହାଇସ୍କୁଲ, ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ, ଜରାସିଂହା ଏମ୍‌ବି ନୋଡାଲ ହାଇସ୍କୁଲ, ତୁଷରା ହାଇସ୍କୁଲ, ବେଲପଡା ବାଳିକା ହାଇସ୍କୁଲ, ଖପ୍ରାଖୋଲ ହାଇସ୍କୁଲ, ପାଟଣାଗଡ ବାଳିକା ହାଇସ୍କୁଲ, ବଙ୍ଗୋମୁଣ୍ଡା ଚମାର ମେହେର ହାଇସ୍କୁଲ, ହଲଦୀ ହାଇସ୍କୁଲ, ସଇଁତଲା ବାଳିକା ହାଇସ୍କୁଲ, ଟିଟିଲାଗଡ ମହେଶ୍ୱର ହିନ୍ଦୀ ନୋଡାଲ ହାଇସ୍କୁଲ, କଣ୍ଟାବାଞ୍ଜି ନୋଡାଲ ହାଇସ୍କୁଲ, ବଲାଙ୍ଗୀର ସରକାରୀ ବାଳିକା ହାଇସ୍କୁଲ ନୂଆ ବ୍ଲକ୍ ଓ ଧଣ୍ଡାମୁଣ୍ଡା ଜବାହାରଲାଲ ହାଇସ୍କୁଲରେ ପରୀକ୍ଷା ସେଣ୍ଟର କରାଯାଇଛି। କୋଭିଡ ଗାଇଡଲାଇନ୍ ପାଳନ କରାଯାଇ ପରୀକ୍ଷା ପରିଚାଳନା ବ୍ୟବସ୍ଥା କରାଯାଇଛି। ପରସ୍ପରଠାରୁ ଦୂରତା ରକ୍ଷା କରି ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରରେ ବସିବେ। ମୁକ୍ତ ଓ ଅବାଧ ପରୀକ୍ଷା ପରିଚାଳନା ପାଇଁ ବୋର୍ଡ ପକ୍ଷରୁ ଗୋଟିଏ ଓ ଜିଲା ଶିକ୍ଷା ବିଭାଗରୁ ଗୋଟିଏ ଏଭଳି ଦୁଇଟି ପରୀକ୍ଷା ସ୍କ୍ୱାଡ ଗଠନ କରାଯାଇଛି। ପରୀକ୍ଷା ଅବ୍‌ଜାରଭର ବ୍ୟବସ୍ଥା କରାଯାଇଛି ବୋଲି ଡିଇଓ ବେହେରା ସୂଚନା ଦେଇଛନ୍ତି।

# କୋଭିଡ୍ ପରିଚାଳନା ପାଇଁ ଆଶାକର୍ମୀଙ୍କୁ ପ୍ରଶିକ୍ଷଣ


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଡାକ୍ତର ଓ ଆଶାକର୍ମୀମାନେ।

**ଅମରପାଲି,୨୯।୭ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଭିଡ ପରିଚାଳନା ପାଇଁ ଆଶାକର୍ମୀମାନଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଭାରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଆଲୋକ କୁମାର ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଡା. ପ୍ରକାଶ ମହାନ୍ତି ଓ ବରିଷ୍ଠ ଚିକିତ୍ସା ପରିଦର୍ଶକ ବିଶିକେଶନ ରଥ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗର୍ଭବତୀଙ୍କୁ ଟିକାକରଣ ଓ କରୋନାର ତୃତୀୟ ଲହରକୁ କିପରି ସତର୍କତା ଅବଲମ୍ବନ କରାଯିବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ବୀରମହାରାଜପୁର ସେକ୍ଟରର ୩୭ଜଣ ଆଶାକର୍ମୀ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ସେହିପରି ମୁର୍ଷୁଣ୍ଡୀ ସେକ୍ଟରରେ ଅନୁଷ୍ଠିତ ଶିବିରରେ ଡା. ଶିବାନନ୍ଦ ଚଉଳିଆ, ଡା. ନିରୁପମା ମହାପାତ୍ର, ସ୍ୱାସ୍ଥ୍ୟକର୍ମୀ ଗିରିଧାରୀ ସାହୁ, ପ୍ରିୟବ୍ରତ ଜଗଦଳା ପ୍ରଶିକ୍ଷଣ ଦେଇଥିଲେ। ଏଠାରେ ୩୩ଜଣ ଆଶାକର୍ମୀ ପ୍ରଶିକ୍ଷଣ ନେଇଥିଲେ। ସେହିପରି ସୁବଳୟାରେ ମଧ୍ୟ ସେକ୍ଟର ସ୍ତରୀୟ ଶିଶୁ ଓ କିଶୋରମାନଙ୍କ କୋଭିଡ-୧୯ ସମ୍ବନ୍ଧୀୟ ସୁରକ୍ଷା, ଯତ୍ନ ଓ ପରିଚାଳନା ପାଇଁ ଆଶାକର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଆୟୁଷ ମେଡିକାଲ ଅଫିସର ଡା. ବିଶ୍ୱନାଥ ରଥ ଓ ଭାରପ୍ରାପ୍ତ ସ୍ୱାସ୍ଥ୍ୟ ପରିଦର୍ଶକ ସନ୍ତୋଷ କୁମାର ଦାଶ ଆଶାକର୍ମୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ଉକ୍ତ ସେକ୍ଟରର ପ୍ରାୟ ୩୩ ଜଣ ଆଶାକର୍ମୀ ଶିବିରରେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ।

# କୋମଳମତି ଶିଶୁଙ୍କ ହାତରେ ଭିକ୍ଷାଥାଳ

**ବିନିକା,୨୯।୭(ଡି.ଏନ.ଏ.)**

ଅସହାୟ ଅବସ୍ଥାରେ ଥିବା ଶିଶୁଙ୍କ ଯତ୍ନ, ସୁରକ୍ଷା, ଶିକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ମାଳମାଳ ଯୋଜନା ପ୍ରଣୟନ କରିଛନ୍ତି। ଦେଶରେ ଶିକ୍ଷା ଅଧିକାର ଓ ଖାଦ୍ୟ ଅଧିକାର ଆଇନ ବି ଅଛି। କିନ୍ତୁ ଶିକ୍ଷା ଓ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କ ନିକଟରେ ସରକାରୀ ସହାୟତା ପହଞ୍ଚି ପାରୁନି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକର ବିଭିନ୍ନ ଅଞ୍ଚଳରେ କୋମଳମତି ଶିଶୁଙ୍କ ହାତରେ ଭିକ୍ଷାଥାଳ ଓ ଭିକ୍ଷାମୁଣା ଦେଖିବାକୁ ମିଳୁଛି। ସେମାନଙ୍କର ଠିକଣା ମଧ୍ୟ ପ୍ରଶାସନ ନିକଟରେ ନାହିଁ। ଅଭିଭାବକମାନେ ଶିଶୁମାନଙ୍କୁ ଭିକ୍ଷା ବୃତ୍ତିରେ ଲଗାଇ ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହେଉଛି। ଗୁରୁବାର ବିନିକା ଥାନା ଗନିଆ ପାଣ୍ଡି ସମରତୁପାଠାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ମହାବୀର(୧୦) ଓ ବିକ୍ରମ(୯) ବୋଲି ନିଜକୁ କହୁଥିବା ଦୁଇଶିଶୁ ଝିପିଝିପି ବର୍ଷାରେ ଓଦା ହୋଇ ଭିକ୍ଷା ବୃତ୍ତି କରୁଥିଲେ। ଉଭୟ ଧୋତି ପିନ୍ଧି


ସମରତୁପା ଗାଁରେ ଭିକ୍ଷା ଉଦ୍ଦେଶ୍ୟରେ ଥାଳିରେ ପିତ୍ତଳ ସର୍ପ ରଖି ଦୁଇ ଶିଶୁ ।

**ଶିଶୁ ସୁରକ୍ଷା ଯୋଜନା ଅପହଞ୍ଚ**

ଏକ ଥାଳିରେ ପିତ୍ତଳ ସର୍ପ ଧରି ସମରତୁପା ଗାଁରେ ଘରକୁ ଘର ବୁଲି ଭିକ୍ଷା ମାଗୁଥିଲେ। ତେବେ ସେମାନଙ୍କ ମା, ବାପାଙ୍କ ନାମ ଓ ଠିକଣା ପଚାରିବାରୁ ଆଦୌ କହି ନ ଥିଲେ। ଭିକ୍ଷାବୃତ୍ତି ନିଷେଧ ଥିବା ବେଳେ ଦେଶର ଭବିଷ୍ୟତ ଏହି ଶିଶୁମାନେ ପାଠ ନ ପଢି ଭିକ୍ଷା ମାଗିବା ଘଟଣାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି। କରୋନା କାଳରେ ଶିଶୁଙ୍କ ପରିବାରବର୍ଗ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା କିମ୍ବା ଶିଶୁ ସୁରକ୍ଷା ଯୋଜନାରେ ସାମିଲ ହୋଇଛନ୍ତି କି ନାହିଁ ସେ ଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ। ଅନ୍ୟପକ୍ଷେ ସରକାରୀ ସହାୟତା ପାଇବା ସତ୍ତ୍ୱେ ଯଦି ଅଭିଭାବକମାନେ ପିଲାମାନଙ୍କୁ ଭିକ୍ଷା ବୃତ୍ତି କରିବାକୁ ବାଧ କରୁଥାଆନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ମଦ ଜବତ, ୩ ଗିରଫ

**ନୂଆପଡ଼ା ଅଫିସ,୨୯।୭**

ନୂଆପଡା ଜିଲାରେ ଦେଶୀ ଓ ବିଦେଶୀ ମଦ ବେଆଇନ ବିକ୍ରି ଅଭିଯୋଗରେ ବୁଧବାର ନୂଆପଡା ଅବକାରୀ ବିଭାଗ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ବେଆଇନ ଭାବେ ବିକ୍ରି କରୁଥିବା ୩ ଜଣଙ୍କୁ ଗିରଫ କରାଯାଇ ବିପୁଳ ପରିମାଣର ଦେଶୀ, ବିଦେଶୀ ଓ ରନ୍ଧା ମଦ ଜବତ କରାଯାଇଛି। ନୂଆପଡା ଅବକାରୀ ନିରୀକ୍ଷକ ଇନ୍ଦ୍ରଜିତ ସାହୁଙ୍କ ନେତୃତ୍ୱରେ ଏକ ସ୍କ୍ୱାର୍ଡ କୋମନା ଥାନା ପେଣ୍ଡରାବନ ଓ ଲଖନା ଥାନା କୁଶଦହନା ଗାଁର ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କ ସହାୟତାରେ ଚଢାଉ କରି ବିପୁଳ ପରିମାଣରେ ଦେଶୀ ମଦ ଜବତ କରିଥିଲା। କୁଶଦହନା ଗାଁରୁ ଜଣଙ୍କୁ ଏବଂ ପେଣ୍ଡରାବନରୁ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଖଡିଆଳ ଥାନା ଲାଞ୍ଜି ପଞ୍ଚାୟତ କଟାପଡା ଓ ଉପରପିଟା ଗାଁରେ ଚଢାଉ କରି ୩୭ ଲିଟର ଦେଶୀ ମଦ ଜବତ ଜଣଙ୍କୁ ଗିରଫ କରାଯାଇଛି। ଚଢାଉରେ ଅବକାରୀ ମୋବାଇଲ ଦଳ ନିରୀକ୍ଷକ ହିରାବତୀ ଭାଟି, ଖଡିଆଳ ଓଆଇସି ଡମ୍ବରୁଧର ହରିଜନଙ୍କ ସମେତ ଅବକାରୀ ବିଭାଗ କର୍ମଚାରୀ ସାମିଲ ଥିଲେ।

# ୧ ମାସ ସମୟ ମାଗିଲେ ପ୍ରକଳ୍ପ ନିର୍ଦ୍ଦେଶକ

**ବୌଦ୍ଧ,୨୯।୭(ସ୍ୱ.ପ୍ର.)**

**ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଭାଜପାର ଅନଶନ ଚେତାବନୀ**

■ ପତ୍ର ମାଧ୍ୟମରେ ସ୍ପଷ୍ଟୀକରଣ ରଖିଲେ

ବୌଦ୍ଧ ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା ନେଇ ଭାଜପା ଆନ୍ଦୋଳନ ଲାଗି ଚେତାବନୀ ଦେବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଏହାର ତଦନ୍ତ ପାଇଁ ୧ ମାସ ସମୟ ମାଗିଛନ୍ତି। ଗୁରୁବାର ଏକ ପତ୍ର ମାଧ୍ୟମରେ ସେ ଏ ନେଇ ସ୍ପଷ୍ଟୀକରଣ ଦେଇଛନ୍ତି ।

ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଜିଲା ଭାଜପା ପକ୍ଷରୁ ବାରମ୍ବାର ଆନ୍ଦୋଳନ ହୋଇଆସୁଛି । ଗତ ୮ , ୯ ଓ ୧୦ ତାରିଖରେ ଦଳ ପକ୍ଷରୁ ଜିଲାର ୩ ଗୋଟି ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏହାର ତଦନ୍ତ ଦାବି କରାଯାଇଥିଲା । ଏହାଛଡା ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତି ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଗତ ୨୨ ତାରିଖରେ ପୁର୍ନବାର ଏକ ପତ୍ର ଦେଇଥିଲେ । ଏଥିରେ ଯଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି ଓ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆସନ୍ତା ୫ ତାରିଖ ଠାରୁ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଓ ଅନଶନ କରିବାକୁ ଚେତାବନୀ ଦେଇଥିଲେ । ଏହି ପତ୍ର ପାଇବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୧୭୦୦ ତା ୨୯।୭।୨୦୨୧ରେ ଜିଲା ଭାଜପା ସଭାପତିଙ୍କୁ ସ୍ପଷ୍ଟୀକରଣ ଦେଇଛନ୍ତି । ପ୍ରକଳ୍ପ ନିର୍ଦ୍ଦେଶକ ଉଲ୍ଲେଖ କରିଛନ୍ତି ଯେ, ଜିଲାର ହରଭଙ୍ଗା ଓ ବୌଦ୍ଧ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହୋଇଥିବା ଅନିୟମିତତା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯାଇଛି । ଏହି ଘଟଣାରେ ତତ୍କାଳୀନ ହରଭଙ୍ଗା ବିଡିଓ ରବୀନ୍ଦ୍ରନାଥ ଶତପଥୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି ଏବଂ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ସରକାରଙ୍କୁ ସୁପାରିଶ କରାଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଛତରଙ୍ଗ, ଲୁଣିବାହାଲ, ତଳଗାଁ, ରାଧାନଗର, ସରପଞ୍ଚ ଛତରଙ୍ଗ ଓ କେତେକ ଗ୍ରାମ ରୋଜଗାର ସେବକମାନଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେତେକ ଗ୍ରାମ ରୋଜଗାର ସେବକ ଓ ନିର୍ବାହୀ ଅଧିକାରୀମାନଙ୍କୁ ବଦଳି କରାଯାଇଛି। ଜଣେ କଲ ସେଣ୍ଟର ନିର୍ବାହୀ ଓ ଜଣେ ବ୍ଲକ ପ୍ରକଳ୍ପ ନିର୍ବାହୀଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି। ଜଣେ ତୃତୀୟ ପକ୍ଷ ଦଲାଲିଙ୍କ ବିରୋଧରେ ଥାନାରେ ଏତଲା ଦିଆଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ପୂର୍ବରୁ ନିୟୋଜିତ ଘରୋଇ ଫଟୋଗ୍ରାଫରମାନଙ୍କୁ ଏହି କାର୍ଯ୍ୟରୁ ବାଦ ଦିଆଯାଇଛି। ଏହାଛଡା ତଳଗାଁ ପଞ୍ଚାୟତରେ ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ଉଲ୍ଲେଖ ରହିଛି । ଏଣୁ ପ୍ରସ୍ତାବିତ ଆନ୍ଦୋଳନରୁ ଓହରି ଏକ ମାସ ସମୟ ଦେଲେ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ବବିତା ରାଣୀ ଦଳବେହେରା ପତ୍ର ମାଧ୍ୟମରେ ଜିଲା ଭାଜପା ସଭାପତିଙ୍କୁ ଜଣାଇଛନ୍ତି । ଏ ନେଇ ଜିଲା ଭାଜପା ସଭାପତି ମହାନ୍ତିଙ୍କୁ ପଚାରିବାରୁ ପ୍ରକଳ୍ପ ନିର୍ଦ୍ଦେଶକ ଏକ ମାସ ସମୟ ନେଇଛନ୍ତି । ଏହି ସମୟ ଭିତରେ କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଟ୍ରକ୍ ଚାଳକଙ୍କଠୁ ଲୁଟ୍, ଜଣେ ଗିରଫ

**ବରଗଡ଼ ଅଫିସ୍,୨୯।୭**

ବରଗଡ଼ ଜିଲା ସୋହେଲା ଡାକବଙ୍ଗଳା ନିକଟରେ ବୁଧବାର ଟ୍ରକ ଚାଳକଙ୍କଠାରୁ ଲୁଟ୍ ଘଟଣାରେ ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋହେଲାର ଜିତେନ ବରିହା। ତାଙ୍କ ପାଖରୁ ଏକ ବାଇକ୍ (ନଂ.ଓଡ଼ି୧୭ପି/୯୯୮୯), ଗୋଟିଏ ମୋବାଇଲ ଏବଂ ନଗଦ ୨ହଜାର


ଜବତ ଟଙ୍କା, ମୋବାଇଲ।

ଟଙ୍କା ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ସୋହେଲା ଥାନାରେ ଏକ ମାମଲା (ନଂ.୧୩୪/୨୧) ରୁଜୁ ହୋଇଛି । ପ୍ରକାଶ ଯେ, ପଶ୍ଚିମବଙ୍ଗର ନଦିଆ ଜିଲା ହାସକାଲି ଥାନା ଗୋବିନ୍ଦପୁର କଲୋନୀର ସୁମନ ନନ୍ଦୀ ଟ୍ରକ୍ (ନଂ.ଡବ୍ଲୁବି୫୧ଏ/୭୯୫୫) ଧରି କଲିକତାରୁ ରାୟପୁର ଯାଉଥିଲେ। ୩ଜଣ ଯୁବକ ୨ଟି ବାଇକ୍ ଯୋଗେ ତାଙ୍କୁ ପିଛା କରି ସୋହେଲା ଡାକବଙ୍ଗଳା ନିକଟରେ ଅଟକାଇଥିଲେ ଏବଂ ତାଙ୍କୁ ମାଡପିଟ୍ କରି ପାଖରେ ଥିବା ମୋବାଇଲ ଓ ଟଙ୍କା ସେମାନେ ଲୁଟି ନେଇଥିଲେ। ଏ ନେଇ ସୁମନ ସୋହେଲା ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଉକ୍ତ ମାମଲା ରୁଜୁ କରି ଜିତେନଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ଅଭିଯୁକ୍ତଙ୍କୁ ଏପର୍ଯ୍ୟନ୍ତ ଧରିପାରିନାହିଁ ।

# ୨ ମହାପୁରୁଷଙ୍କ ନାମରେ ନାମକରଣ ଦାବି

**ଭବାନୀପାଟଣା,୨୯।୭(ଡି.ଏନ.ଏ.)**

**କଳାହାଣ୍ଡି ମେଡିକାଲ କଲେଜ, ବିଶ୍ୱବିଦ୍ୟାଳୟ**

କଳାହାଣ୍ଡି ଜିଲାରେ ସ୍ଥାପିତ ହେବାକୁ ଯାଉଥିବା କଳାହାଣ୍ଡି ମେଡିକାଲ କଲେଜକୁ ଜିଲାର ବୀର ଶହୀଦ ରେଣ୍ଡୋ ମାଝିଙ୍କ ନାମରେ ନାମିତ କରିବାକୁ ଦାବି କରାଯାଇଛି। ଏହା ସହିତ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ଡ. ବିଆର୍ ଆମ୍ବେଡକରଙ୍କ ନାମରେ ନାମିତ କରିବା ପାଇଁ ଏବେ ଜିଲାରେ ଦାବି ଜୋରଦାର ହେବାରେ ଲାଗିଛି । ଜିଲାର ଏହି ୨ଟି ଅନୁଷ୍ଠାନକୁ ୨ ମହାପୁରୁଷଙ୍କ ନାମରେ ନାମିତ କରିବା ସେମାନଙ୍କୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ଓ ପ୍ରକୃତ ସମ୍ମାନ ପ୍ରଦର୍ଶନ ହେବ ବୋଲି ଜିଲାବ୍ୟାପି ମତ ପ୍ରକାଶ ପାଇଛି। ଜିଲାବାସୀଙ୍କ ଏହି ଦାବିକୁ ନେଇ ଓଡ଼ିଶାର ଅଗ୍ରଣୀ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଏବଂ ଓଡ଼ିଶା ଦଳିତ ଆଦିବାସୀ ମହାସଂଘ କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସମ୍ବଲପୁରରେ ବୀର ସୁରେନ୍ଦ୍ର ସାଏ, ବଲାଙ୍ଗୀରରେ ସନ୍ଥକବି ଭୀମଭୋଇ, କୋରାପୁଟରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ନାମରେ ମେଡିକାଲ କଲେଜ ନାମିତ ହୋଇଥିବାବେଳେ ଜିଲାର ଶହୀଦ ରେଣ୍ଡୋ ମାଝିଙ୍କ ନାମରେ କଳାହାଣ୍ଡି ମେଡିକାଲ କଲେଜକୁ ନାମିତ କରାଯିବା ସହ କଳାହାଣ୍ଡି ବିଶ୍ୱବିଦ୍ୟାଳୟକୁ ବିଶ୍ୱରତ୍ନ ଡ. ବାବା ସାହେବ ବିଆର୍ ଆମ୍ବେଡକରଙ୍କ ନାମରେ ନାମିତ କରିବାକୁ ସେମାନେ ଦାବି କରିଛନ୍ତି। ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡ଼େରେଶନ କଳାହାଣ୍ଡି ସଭାପତି ଧନଞ୍ଜୟ ଦୀପ, ଫେଡେରେଶନ ଉପଦେଷ୍ଟା ଧର୍ମେନ୍ଦ୍ର ନାଏକ, ଦଳିତ ଆଦିବାସୀ ମହାସଂଘ ସଭାପତି ପରମାନନ୍ଦ ମାଝି, ଆଦିବାସୀ ନେତା ସୁରେଶ ମାଝି, ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ଉପ ସଭାପତି ବିନ୍ଦୁ ମହାନନ୍ଦ, ସାଧାରଣ ସମ୍ପାଦକ ଯତୀନ୍ଦ୍ର କର, ଟାଉନ ସଭାପତି ଋଷିସୂଦନ ଛତ୍ରପାଲ, ଛାତ୍ର ଜିଲା ସଂଯୋଜକ ଢଗମାଳିଆ ନାଏକ ପ୍ରମୁଖ ବୁଧବାର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ପଟେଲଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

# ଅବ୍ୟବସ୍ଥାରେ ଚାଲିଛି ସିଂଘିଯୁବା ହାଇସ୍କୁଲ

**ବିନିକା,୨୯।୭(ଡି.ଏନ୍.ଏ.)**

■ ନବମ, ଦଶମରେ ପଢୁଛନ୍ତି ୧୩୭ ବିଦ୍ୟାର୍ଥୀ
■ ଗଣିତ,ସାମାଜିକ ବିଜ୍ଞାନ, ସାହିତ୍ୟ ଶିକ୍ଷକ ନାହାନ୍ତି

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ସିଂଘିଯୁବା ଗାଁରେ ଥିବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ବିଶେଷ କରି ଦୀର୍ଘଦିନ ହେବ ଶିକ୍ଷକ ଅଭାବ ରହିଥିଲେ ହେଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନଜର ପଡୁନାହିଁ। ଏଥିଯୋଗୁ ପାଠପଢା ବ୍ୟାହତ ହେଉଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ୧୯୮୫ ମସିହାରେ ପ୍ରତିଷ୍ଠିତ ସିଂଘିଯୁବା ହାଇସ୍କୁଲ ଉପରେ ବର୍ତ୍ତମାନ ସିଂଘିଯୁବା, କମିରା, ଖଇରମାଳ, ପାପୀ, ଝାରକଦଲୀପାଲି, ସର୍ଗୁନା, ଜାମପାଲି, ଦେଣ୍ଡୁପଦର ଆଦି ଗାଁର ପିଲାମାନେ ପଢୁଛନ୍ତି। ନବମ ଓ ଦଶମ ଶ୍ରେଣୀରେ ବିଦ୍ୟାର୍ଥୀଙ୍କ ସଂଖ୍ୟା ୧୩୭ । ତେବେ ବିଦ୍ୟାଳୟରେ ୬ ଜଣ ଶିକ୍ଷକ ବଦଳରେ ୩ ଜଣ ରହିଛନ୍ତି । ଗଣିତ, ସାମାଜିକ ବିଜ୍ଞାନ ଓ ସାହିତ୍ୟ ଶିକ୍ଷକ ପଦବୀ ଖାଲି ପଡିଛି । ଏପରିକି ପ୍ରଧାନଶିକ୍ଷକ ପଦ ଖାଲି ରହିଛି।



ହାଇସ୍କୁଲର ମୁଖ୍ୟ ଗେଟ୍।

ହାଇସ୍କୁଲର ଜଣେ ସହକାରୀ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ଭାର ଦିଆଯାଇଛି। ଏବେ ଦଶମ ଶ୍ରେଣୀ ପିଲାଙ୍କ ପାଠ ପଢା ଆରମ୍ଭ ହୋଇଥିବା ବେଳେ ଶିକ୍ଷକ ନ ଥିବାରୁ ପାଠପଢା କେମିତି ହେଉଥିବ ତାହା ସହଜରେ ଅନୁମେୟ । ସେହିପରି ୧୪ବର୍ଷ ହେଲା ରାତ୍ରି ଜଗୁଆଳୀ ନାହାନ୍ତି । କରୋନା ପାଇଁ ସ୍କୁଲ କଲେଜ ବନ୍ଦ ହେବା ପରେ ସିଂଘିଯୁବା ହାଇସ୍କୁଲ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଚାରିଆଡେ ପାନ, ଗୁଟଖାର ଛେପ ପଡିଥିଲା । ଏପରିକି ଜଗୁଆଳି ନ ଥିବା ସୁଯୋଗ ନେଇ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପାଇଖାନାର କବାଟ ଝରକା ତାଡି ନେଇ ଯିବାର ଦେଖିବାକୁ ମିଳିଛି। ଏବେ ବିଦ୍ୟାଳୟ ଖୋଲି ଯାଇଥିବାରୁ ଯଥାଶୀଘ୍ର ଖାଲି ପଡିଥିବା ଶିକ୍ଷକ ଓ ରାତ୍ରି ଜଗୁଆଳି ପଦ ପୂରଣ କରିବା ଜରୁରୀ ହୋଇପଡିଛି। ଏହି ବିଦ୍ୟାଳୟରୁ କୃତକାର୍ଯ୍ୟ ହୋଇଥିବା ଅନେକ ଛାତ୍ରୀଛାତ୍ର ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଦ୍ୟାଳୟର ଗୌରବ ବଢାଇଛନ୍ତି । ଏହାସତ୍ତ୍ୱେ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସରକାରୀ ଅବହେଳା ନେଇ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଜିଲା ପ୍ରଶାସନ ଅଞ୍ଚଳର ସର୍ବପୁରାତନ ସିଂଘିଯୁବା ହାଇସ୍କୁଲରେ ଯଥାଶୀଘ୍ର ଶିକ୍ଷକ ଓ ରାତ୍ରି ଜଗୁଆଳୀ ନିଯୁକ୍ତି କରିବାକୁ ଦାବି ହେଉଛି ।

## ମହାନଦୀ, ତେଲନଦୀ ସେତୁରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଦାବି

ସୋନପୁର,(ନି.ପ୍ର.): ସୋନପୁର ମହାନଦୀ ଓ ମନମୁଣ୍ଡା ତେଲନଦୀ ସେତୁରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଦାବି ହେଉଛି। ରାତିରେ ଅନ୍ଧାର ପାଇଁ ଏହି ଦୁଇ ସେତୁ ଉପରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଚୋରି, ଲୁଟ୍‌ତରାଜ ଭଳି ଘଟଣା ବଢ଼ିଚାଲିଛି। ସେହିଭଳି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ମହାନଦୀ ସେତୁ ପର୍ଯ୍ୟନ୍ତ ରାସ୍ତାର ଉଭୟପାର୍ଶ୍ୱରେ ଷ୍ଟ୍ରିଟ୍ ଲାଇଟ୍‌ଗୁଡିକ ଜଳୁନି। ସେଗୁଡିକୁ ମରାମତି କରାଯାଉନି। ବୁଧବାର ଭାଜପା ନେତା ବଳଦେବ ପ୍ରସାଦ ବେଦ୍‌ବାକ ଜିଲାପାଳ ଅବୋଲି ସୁନିଲ ନରୱ୍‌ଣେଙ୍କୁ ଭେଟି ଏ ସମ୍ପର୍କରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ସମୟରେ ସୁରେଶ ପାତ୍ର, ଦାସଦୀପ୍ତ ମହାପାତ୍ର, ମିଥୁନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମନ୍ତ୍ରୀଙ୍କ ଗାଡ଼ି ପଛରେ ଆସି ମାଡ଼ ଖାଇଲେ ୪ ବ୍ୟବସାୟୀ

ବାଉଁଶୁଣୀ,୨୯।୭(ଡି.ଏନ.ଏ.): ମନ୍ତ୍ରୀଙ୍କ ଗାଡିକୁ ପିଛା କରିବା ଅଭିଯୋଗରେ ବୁଧବାର ରାତିରେ ପୋଲିସଠାରୁ ମାଡ ଖାଇ ୪ ଜଣ ଯୁବକ ମନମୁଣ୍ଡା ଥାନାରେ ଅଟକ ରହିବା ଘଟଣା ଭିନ୍ନ ମୋଡ ନେଇଛି। ତଦନ୍ତରୁ ସତ୍ୟାସତ୍ୟ ଜଣାପଡିବା ପରେ ସେମାନଙ୍କୁ ପୋଲିସ ଛାଡି ଦେଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତି ୯ଟା ସମୟରେ ମନ୍ତ୍ରୀ ପଦ୍ମନାଭ ବେହେରା ଭୁବନେଶ୍ୱରରୁ ବୌଦ୍ଧ ଜିଲା ମନମୁଣ୍ଡା ଥାନା ଦେଇ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ନିଜ ନିର୍ବାଚନମଣ୍ଡଳୀ ବୀରମହାରାଜପୁର ଯାଉଥିଲେ। ଏହି ସମୟରେ ଚାରିଛକରୁ ଏକ କଳା ରଙ୍ଗର ହୁଣ୍ଡାଇ କାରରେ ୪ ଜଣ ଯୁବକ ବସି ଆଗରେ ଯାଉଥିବା ମନ୍ତ୍ରୀ ବେହେରାଙ୍କ ଗାଡିର ପଛେ ପଛେ ଆସୁଥିଲେ। ବୌଦ୍ଧ ଜିଲାର ଚାରିଛକରୁ ମନମୁଣ୍ଡା ପର୍ଯ୍ୟନ୍ତ ଦୀର୍ଘ ୮୦ କିମି ଦୂର ମନ୍ତ୍ରୀଙ୍କ ଗାଡି ପଛରେ ଯୁବକଙ୍କ କାର୍ ଆସୁଥିବାରୁ ପାଇଲଟିଂ ଗାଡ଼ିରେ ଥିବା ପୋଲିସ ସନ୍ଦେହରେ ସେମାନଙ୍କୁ ଅଟକାଇ ମାଡ଼ ମାରି ମନମୁଣ୍ଡା ଥାନାରେ ଜିମା ଦେଇଥିଲେ। ମନମୁଣ୍ଡା ଥାନା ଆଇଆଇସି ଗୋପୀନାଥ ପ୍ରଧାନ ୪ ଯୁବକଙ୍କୁ ପଚରାଉଚରା କରିବା ପରେ ସେମାନେ ସମସ୍ତେ ବଲାଙ୍ଗୀର ସହରର ଓ ବ୍ୟବସାୟୀ ବୋଲି ଜଣାପଡିଥିଲା। ମନ୍ତ୍ରୀଙ୍କ ଗାଡି ପଛରେ ଆସିବା ସମୟରେ ସେମାନଙ୍କର କୌଣସି ମନ୍ଦ ଉଦ୍ଦେଶ୍ୟ ନ ଥିବା ଜାଣି ପାରି ପୋଲିସ ଛାଡି ଦେଇଥିଲା।

### ନିର୍ମାଣାଧୀନ କୋଠା ନିକଟରୁ ମିଳିଲା ବଜ୍ରକାପ୍ତା

#### ଜଙ୍ଗଲରେ ଛାଡ଼ିଲା ବନ ବିଭାଗ



ସଇଁତଳା,୨୯।୭ (ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଳା ନବୀନ ଛକ ନିକଟରେ ନିର୍ମାଣାଧୀନ ଏକ କୋଠା ନିକଟରୁ ବନ ବିଭାଗ ଗୁରୁବାର ଏକ ବଜ୍ରକାପ୍ତା ଉଦ୍ଧାର କରିଛି। ମଧ୍ୟାହ୍ନରେ କେତେକ ବ୍ୟକ୍ତି ସମ୍ପୃକ୍ତ କୋଠା ନିକଟରେ ଥିବା ଏକ ଗାତରେ ବଜ୍ରକାପ୍ତା ଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ରେଞ୍ଜର ରାଜକିଶୋର ହରପାଲ, ଫରେଷ୍ଟର ଆଶୁତୋଷ ମହାକୁଡ଼ ଓ ବିନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବଜ୍ରକାପ୍ତାକୁ ଉଦ୍ଧାର କରିଥିଲେ। ବଜ୍ରକାପ୍ତାର ଓଜନ ପ୍ରାୟ ୧୨କେଜି ଏବଂ ଲମ୍ବ ୨ଫୁଟ ହେବ ବୋଲି ରେଞ୍ଜର ହରପାଲ କହିଛନ୍ତି। ପରେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଉକ୍ତ ବଜ୍ରକାପ୍ତାକୁ ଛାଡି ଦିଆଯାଇଛି।

### ଗଣେଶ ପୂଜା କମିଟିର ଚାରାରୋପଣ

ବାଉଁଶୁଣୀ,୨୯।୭(ଡି.ଏନ.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ପଞ୍ଚାୟତ ଡିମିରିପାଲି ଗଣେଶ ପୂଜା କମିଟି ତରଫରୁ ବୁଧବାର ଡିମିରିପାଲି ଗ୍ରାମରେ ଥିବା ବଡ଼ବନ୍ଧ ଓ ମାହେଶ୍ୱରୀ ମନ୍ଦିର ଚତୁଃପାର୍ଶ୍ୱରେ ଚାରାରୋପଣ କରାଯାଇଛି। ମଳୟ ମାହାର, ମିଥୁନ ସେଠୀ, ସତ୍ୟବ୍ରତ ଗରିଆ, ସିନୁ ମାହାର, ବିଟି ସେଠୀ, ସ୍ୱାଗତ ବାଘ ଓ ଗଣେଶ ପୂଜା କମିଟି ସଦସ୍ୟ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି କମିଟି ତରଫରୁ କୁହାଯାଇଛି।

### ବୀରମହାରାଜପୁର: ୨କେନ୍ଦ୍ରରେ ୧୨୪ମାଟ୍ରିକ ପରିକ୍ଷାର୍ଥୀ

ଅମରପାଲି,୨୯।୭(ଡି.ଏନ.ଏ.): ମାଟ୍ରିକ ଅଫଲାଇନ ପରୀକ୍ଷା ଶୁକ୍ରବାରରୁ ଆରମ୍ଭ ହେଉଛି। ଏନେଇ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅଞ୍ଚଳରେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଓ ସ୍ଥାନୀୟ ପଞ୍ଚାୟତ ସମିତି ବାଳିକା ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଉଭୟ କେନ୍ଦ୍ରରେ ୧୨୪ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ବାଳକ ହାଇସ୍କୁଲରେ ୩୪ଜଣ ପରୀକ୍ଷା ଦେବେ। ସେମାନଙ୍କ ମଧ୍ୟରୁ ୨୧ ରେଗୁଲାର ଓ ୧୩ଜଣ ଏକ୍ସ ରେଗୁଲାର। ସେହିପରି ବାଳିକା ହାଇସ୍କୁଲରେ କେବଳ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନର ୯୦ଜଣ ପରୀକ୍ଷା ଦେବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମାର କୁମ୍ଭକାର ସୂଚନା ଦେଇଛନ୍ତି।

# ପାଣ୍ଠି ଅଛି, ହେଉନି କାମର ଅଗ୍ରଗତି

- ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ୍ ନିର୍ମାଣ ବନ୍ଦ
- ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଥିଲେ
- ଦେଢ଼ ବର୍ଷ ପୂର୍ବରୁ କାମ ସରିଥାନ୍ତା

ସୋନପୁର,୨୯।୭(ନି.ପ୍ର.)

ସୋନପୁର କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କ୍ୟାମ୍ପସ୍ ନିର୍ମାଣ କାମ ବନ୍ଦ ରହିଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଅନୁଦାନ ନ ଦେବାରୁ ୨୦୧୯ ସେପ୍ଟେମ୍ବର ମାସରୁ ଠିକାଦାର କାମ ବନ୍ଦ କରିଥିଲେ। ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ପରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏ ବିଷୟରେ ଲୋକସଭାରେ ପ୍ରଶ୍ନ ଉତ୍ଥାପନ କରିଥିଲେ। ବିଦ୍ୟାଳୟ କ୍ୟାମ୍ପସ ନିର୍ମାଣ ସମ୍ପୂର୍ଣ୍ଣ କରିବା ପାଇଁ ବକେୟା ରାଶି ଯୋଗାଇ ଦେବାକୁ ତତ୍କାଳୀନ ବିଭାଗୀୟ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ମାର୍ଚ୍ଚ ୩ ତାରିଖରେ ୧କୋଟି ଓ ୨୨ ତାରିଖରେ ୫କୋଟି ଟଙ୍କା ସେଣ୍ଟ୍ରାଲ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ(ସିପିଡବ୍ଲ୍ୟୁଡି)କୁ ଯୋଗାଇ ଦେଇଥିଲେ। ପରିତାପର ବିଷୟ ବିଦ୍ୟାଳୟ କୋଠା ନିର୍ମାଣ ପାଇଁ ପାଣ୍ଠି ଥିଲେ ମଧ୍ୟ କରୋନା ଆଳରେ କାମର ଅଗ୍ରଗତି ହେଉନି।

ଏଠାରେ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୧୦ରେ ମଞ୍ଜୁରି ମିଳିଥିଲା। ହେଲେ ଜିଲା ପ୍ରଶାସନ ବିଦ୍ୟାଳୟକୁ ଜମି ପ୍ରଦାନରେ ବହୁ ବିଳମ୍ବ କଲେ। ୨୦୧୫ରେ ସୋନପୁର ବ୍ଲକର ପିଣ୍ଡିସିଆଲି ନିକଟରେ ଥିବା ୧୦ଏକର ଜମି ବିଦ୍ୟାଳୟ ନାମରେ ହସ୍ତାନ୍ତର ହେଲା। କିନ୍ତୁ ଜମି ଉପରେ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯାଇ ଥିବାରୁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଜମିକୁ ଅନୁପଯୁକ୍ତ ଦର୍ଶାଇଲା। ବିଳମ୍ବରେ ଇଲେକ୍ଟ୍ରିକ୍ ପୋଲ ଓ ତାର ହଟିବା ସହିତ ଜମିକୁ ରାସ୍ତା ନିର୍ମାଣ ସମ୍ଭବ ହୋଇଥିଲା। ୨୦୧୮ ଅକ୍ଟୋବର ୧୫ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀରରୁ ରିମୋର୍ଟ କଣ୍ଟ୍ରୋଲ୍ ଯୋଗେ ବିଦ୍ୟାଳୟ ନୂତନ କ୍ୟାମ୍ପସ୍ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପର ବ୍ୟୟ ଅଟକଳ ଥିଲା ୧୫କୋଟି ୮୧ଲକ୍ଷ ଟଙ୍କା। ୨୦୧୯ ଡିସେମ୍ବର ମାସ ସୁଦ୍ଧା ବିଦ୍ୟାଳୟ ପାଇଁ କୋଠା, ପ୍ରାଚୀର, ଖେଳପଡିଆ, ଶିକ୍ଷକ ଓ କର୍ମଚାରୀଙ୍କ ପାଇଁ ୮ଟି କ୍ୱାଟର୍ସ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଥିଲା। ସିପିଡବ୍ଲ୍ୟୁଡି ଏହି କାମର ଟେଣ୍ଡର ଆହ୍ୱାନ କରିଥିଲା। ଭୁବନେଶ୍ୱରର ଭି. ଜେ. ଇଞ୍ଜିନିୟର୍ସ ସଂସ୍ଥା ଟେଣ୍ଡର ପାଇ ବିଭାଗ ସହିତ ଚୁକ୍ତି କରିଥିଲା। ତେବେ ୨ବର୍ଷ ୭ ମାସରେ ବିଦ୍ୟାଳୟ କୋଠାର ମାତ୍ର ୩୦% କାମ ହୋଇଛି। ପ୍ରାଚୀର ନିର୍ମାଣ ମଧ୍ୟ ସମ୍ପୂର୍ଣ୍ଣ ହୋଇନି। ବିଦ୍ୟାଳୟ ଆରମ୍ଭ ଦିନଠାରୁ ଜିଲା ସାଧନ କେନ୍ଦ୍ର ପରିସରରେ ଅସ୍ଥାୟୀ ଭାବେ ଏହି ବିଦ୍ୟାଳୟ ଚାଲିଛି। ୨୦୧୯ରେ ଯୁକ୍ତ ୨ ଶ୍ରେଣୀ ଖୋଲିଛି। ତେବେ ଶ୍ରେଣୀ କକ୍ଷ ଅଭାବରୁ ପିଲାଙ୍କ ପାଠପଢାରେ ସମସ୍ୟା ସୃଷ୍ଟି ହୋଇଛି।



କେନ୍ଦ୍ରୀୟ ବିଦ୍ୟାଳୟ କ୍ୟାମ୍ପସ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କୁ ଚିଠି ଲେଖିଲେ କଳିକେଶ

#### ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ସ୍ୱୀକୃତି ପ୍ରସଙ୍ଗ

ବଲାଙ୍ଗୀର ଅଫିସ, ୨୯।୭

ପଶ୍ଚିମ ଓଡିଶାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ରାଜେନ୍ଦ୍ର କଲେଜକୁ ୨୦୨୦ ଜୁନ୍‌ରେ ରାଜ୍ୟ ସରକାର ବିଶ୍ୱବିଦ୍ୟାଳୟ ଭାବେ ଘୋଷଣା କରିଥିଲେ। ଏହି ବିଶ୍ୱବିଦ୍ୟାଳୟର ୟୁଜିସି ମାନ୍ୟତା ପାଇଁ ରାଜ୍ୟ ସରକାର ପ୍ରସ୍ତାବ ପଠାଇଥିଲେ। କିନ୍ତୁ ୟୁଜିସି ପକ୍ଷରୁ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇନାହିଁ। ଗତ ୨୮.୧୨.୨୦୨୦ରେ ୟୁଜିସି ଏହାକୁ ଫେରାଇ ଦେଇଥିଲେ। ଏବେ ରାଜ୍ୟ ସରକାର ଆବଶ୍ୟକ ତର୍ଜମା ପରେ ୟୁଜିସି ସ୍ୱୀକୃତି ପାଇଁ ପୁଣିଥରେ ଚିଠି କରିଛନ୍ତି। ଏହି ଘଟଣାକୁ ନେଇ ବଲାଙ୍ଗୀରର ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଉଦ୍‌ବେଗ ପ୍ରକାଶ କରି କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠିଲେଖି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ତୁରନ୍ତ ୟୁଜିସି ମାନ୍ୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। କଳିକେଶ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ (ଆକ୍ଟ ୫) ସେକସନ ୩୨ (୧) ଅନୁଯାୟୀ ରାଜ୍ୟର ଅନ୍ୟ ବିଶ୍ୱବିଦ୍ୟାଳୟ ଭଳି ଏହାକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଛନ୍ତି। ଏହି ଆଇନ ଅନୁଯାୟୀ ୧ ଜୁନ୍ ୨୦୨୦ରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇସାରିଛି। ଗତ ୧ ଏପ୍ରିଲ ୨୦୨୧ରୁ ସ୍ୱତନ୍ତ୍ର କୁଳପତି ନିଯୁକ୍ତ ହୋଇଛନ୍ତି। ଯେଉଁ ଆଇନ ବଳରେ ସରକାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି ସେହି ଆଇନରେ ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାରିପଦାର ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ରମାଦେବୀ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଭବାନୀପାଟଣାର କଳାହାଣ୍ଡି ବିଶ୍ୱବିଦ୍ୟାଳୟ, କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ଦିଆଯାଇସାରିଛି। ଏମାନଙ୍କୁ ୟୁଜିସି ଆକ୍ଟ ସେକସନ ୨ (ଏଫ)ରେ ୟୁଜିସି ମାନ୍ୟତା ଦିଆଯାଇସାରିଛି। ତେଣୁ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ନଦେବାରେ କୌଣସି ଯଥାର୍ଥତା ନାହିଁ ବୋଲି କଳିକେଶ ଚିଠିରେ ଉଲ୍ଲେଖ କରିଛନ୍ତି। ଏଦିଗରେ ହସ୍ତକ୍ଷେପ କରି ତୁରନ୍ତ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ମାନ୍ୟତା ପ୍ରଦାନ କରିବା ଦିଗରେ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ କଳିକେଶ ଅନୁରୋଧ କରିଛନ୍ତି।

# ଯନ୍ତ୍ରଣାରେ ଛଟପଟ ପକ୍ଷାଘାତ ରୋଗୀ

ଲୋଇସିଂହା,୨୯।୭(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଜଡାମୁଣ୍ଡା ମିର୍ଦ୍ଧାପଡା ବସ୍ତିର ମୁକୁନ୍ଦ ପଧାନ(୫୦)। ୩ ବର୍ଷ ହେଲା ସେ ପକ୍ଷାଘାତର ରୋଗରେ ପୀଡିତ। ଅର୍ଥାଭାବରୁ ତାଙ୍କର ଚିକିତ୍ସା ହୋଇ ପାରୁନାହିଁ। ଘରେ ଶଯ୍ୟାସାୟୀ ହୋଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ସ୍ୱାମୀ ଅକର୍ମଣ୍ୟ ହୋଇଯିବା ପରେ ପରିବାରର ବୋଝ ସ୍ତ୍ରୀ ସୀତୟାଙ୍କ ଉପରେ ପଡିଛି। ମୂଲ ମଜୁରି କରି ଗୁଜୁରାଣ ମେଣ୍ଟାଉଛନ୍ତି। ଅର୍ଥଭାବରୁ ଝିଅକୁ ପଢାଇ ନ ପାରିବାରୁ ସମ୍ପର୍କୀୟଙ୍କ ପାଖରେ ଛାଡି ଥିବା ସେ କହିଛନ୍ତି।

ଲୋଇସିଂହା ପଞ୍ଚାୟତ ସଦର ମହକୁମା ଜଡାମୁଣ୍ଡା ମିର୍ଦ୍ଧାପଡା ବସ୍ତିର ମୁକୁନ୍ଦ ପଧାନ। ପରିବାର କହିଲେ ସ୍ତ୍ରୀ ସୀତୟା ୩ଝିଅ ନୀତା(୧୭), ରୀତା(୧୪) ଏବଂ ରଞ୍ଜିତା(୮)। ପରିବାର ବିପିଏଲ ଶ୍ରେଣୀଭୁକ୍ତ। ମୁକୁନ୍ଦ ମୂଲ ଲାଗି ପରିବାର ପରିପୋଷଣ କରୁଥିଲେ। ସବୁକିଛି ଠିକ୍‌ଠାକ ଚାଲିଥିବା ବେଳେ ୨୦୧୮ ମସିହାରେ ହଠାତ୍ ଅସୁସ୍ଥ ହୋଇ ପଡିଲେ। ପକ୍ଷାଘାତରେ ଆକ୍ରାନ୍ତ ହୋଇଥିବା ଜଣାପଡିଲା। ତାଙ୍କ ଶରୀରର ବାମପାର୍ଶ୍ୱ ଅଚଳ ହୋଇଗଲା। ସୀତୟା ତାଙ୍କୁ ବୁର୍ଲା, ବିଶାଖାପାଟଣା ଏବଂ ପାଇକମାଳକୁ ନେଇ ଚିକିତ୍ସା କାଇଛନ୍ତି। ହେଲେ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ସୁଫଳ ମିଳିନାହିଁ। ସରକାରୀ ସହାୟତା କହିଲେ ସ୍ୱାମୀଙ୍କୁ ଭିନ୍ନକ୍ଷମ ଭତ୍ତା ବାବଦକୁ ୫ ଶହ ଟଙ୍କା ଏବଂ ୩୦କେଜି ପିଡିଏସ ଚାଉଳ ପଞ୍ଚାୟତ ତରଫରୁ ମିଳୁଛି। ଏତିକିରେ ଘର ଚଳାଇବା ସହ ସ୍ୱାମୀଙ୍କ ଔଷଧ ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ ବୋଲି କହିଛନ୍ତି ସୀତୟା। ଏହି ପରିସ୍ଥିତିରେ ମୁକୁନ୍ଦ ଘରେ ଶଯ୍ୟାଶାୟୀ। ଖବର ପାଇ ମାହେଶ୍ୱରୀ ସଂଗଠନ ସଭାପତି ଦେବାଶିଷ ବିଶୋଇ ମୁକୁନ୍ଦଙ୍କ ଘରେ ପହଞ୍ଚିଥିଲେ। ଭଲମନ୍ଦ ପଚାରି ବୁଝିବା ସହ ସେ ବିଧାୟକ ମୁକେଶ ମହାଲିଙ୍ଗଙ୍କ ସହ ସୀତୟାଙ୍କ କଥା କରାଇଥିଲେ। ସୀତାୟ ସ୍ୱାମୀଙ୍କ ଉଚ୍ଚ ଚିକିତ୍ସା ପାଇଁ ବିଧାୟକଙ୍କୁ ନିବେଦନ କରିଥିଲେ। ମୁକୁନ୍ଦଙ୍କ ତାଙ୍କବଡ ଝିଅ ନୀତା କହିଛନ୍ତି ଯେ, ବାପା ଅସୁସ୍ଥ ହୋଇଯିବା ପରେ ୩ ଭଉଣୀ ପାଠପଢାରେ ସମସ୍ୟା ଉପୁଜିଛି। ଏଣୁ ସାନ ଦୁଇ ଭଉଣୀଙ୍କୁ ସମ୍ପର୍କୀୟଙ୍କ ଘରକୁ ପାଖକୁ ପଠାଇ ଦେଇଛୁ ବୋଲି ସେ ଦୁଃଖର ସହ କହିଥିଲେ। ଏହି ଗରିବ ପରିବାରକୁ ପ୍ରଶାସନ ସହଯୋଗର ହାତ ବଢାଇବାକୁ ସାଧାରଣରେ ଦାବି ହେଉଛି।



ପକ୍ଷାଘାତ ପୀଡିତ ମୁକୁନ୍ଦଙ୍କ ପାଖରେ ପାଖରେ ସୀତୟା।

#### ଅର୍ଥନାହିଁ, ହୋଇପାରୁନି ଚିକିତ୍ସା

# ତିନି ମାସ ମଧ୍ୟରେ ବଲାଙ୍ଗୀର ବାଏପାସ୍ ରାସ୍ତାର ଟେଣ୍ଡର ହେବ

ବଲାଙ୍ଗୀର ଅଫିସ, ୨୯।୭

ବଲାଙ୍ଗୀର ସହରବାସୀଙ୍କ ଦୀର୍ଘଦିନର ଦାବି ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଆଉ ତିନି ମାସ ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ ବୋଲି ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ସେ ସୂଚନା ଦେଇଛନ୍ତି ଯେ, ଇତିମଧ୍ୟରେ ବାଏପାସ ରାସ୍ତା ନିର୍ମାଣ ସଂକ୍ରାନ୍ତୀୟ ଯାହା କିଛିବି ଜମି ବନ୍ଦୋବସ୍ତ ସମ୍ବନ୍ଧୀୟ ସମସ୍ୟା ଥିଲା ତାର ସମାଧାନ କରାଯାଇଛି। ଆସନ୍ତା ନଭେମ୍ବର ମାସ ସୁଦ୍ଧା ନିର୍ମାଣ ପ୍ରକ୍ରିୟା ଆରମ୍ଭ ହେବ। ଏହା କାର୍ଯ୍ୟକ୍ଷମ ହେଲେ ସହରର ଟ୍ରାଫିକ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି। ଲୋକଙ୍କ ଅନ୍ୟ ଏକ ଦାବି ଟ୍ରକ ଟର୍ମିନାଲର ଟେଣ୍ଡର ପ୍ରକ୍ରିୟା ଇତିମଧ୍ୟରେ ଆରମ୍ଭ ହୋଇସାରିଛି। ଏହି ପ୍ରକ୍ରିୟା ସେପ୍ଟେମ୍ବର ମାସ ସୁଦ୍ଧା ଶେଷ ହେଲେ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଶୀଘ୍ର ଆରମ୍ଭ ହେବ। ବାଇପାସ୍ ରାସ୍ତା, ଟ୍ରକ ଟର୍ମିନାଲ ସହ ବଲାଙ୍ଗୀରର ଜୀବନରେଖା କୁହାଯାଉଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ କାମର ଅଗ୍ରଗତି ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଛନ୍ତି। ଲୋୟର ସୁକତେଲ ପ୍ରକଳ୍ପର ଅଧିକାରୀ ମାନଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଲୋକଙ୍କୁ ଠିକ୍ ହିସାବରେ ବିସ୍ଥାପନ, କ୍ଷତିପୂରଣ ଓ ପୁର୍ନବାସକୁ ନେଇ ସହୃଦୟତାର ସହ କାମ କରିବାକୁ ସେ ପରାମର୍ଶ ଦେଇଥିବା କହିଛନ୍ତି। ବିସ୍ଥାପିତ ମାନଙ୍କ ପୁର୍ନବାସ, ଥଇଥାନ ପାଇଁ ସହର ଉପକଣ୍ଠରେ ତିଆରି ହେଉଥିବା କଲୋନୀରେ ଯେପରି ସମସ୍ତ ପ୍ରକାର ମୌଳିକ ସୁବିଧା ଲୋକଙ୍କୁ ଯୋଗାଇ ଦିଆଯିବ ସେ ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଏବଂ ବିନା ପ୍ରତିବନ୍ଧକରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଆଗାମୀ ଦୁଇରୁ ତିନିବର୍ଷ ମଧ୍ୟରେ ସମାପ୍ତ ହେବ ବୋଲି ସେ କହିଛନ୍ତି।

# ଛାତ୍ର କଂଗ୍ରେସ ପକ୍ଷରୁ କୁଳପତିଙ୍କୁ ଦାବିପତ୍ର



ଜିଲା ଛାତ୍ର କଂଗ୍ରେସ ତରଫରୁ ରାଜେନ୍ଦ୍ର ବଶ୍ୱବିଦ୍ୟାଳୟ କୁଳପତିଙ୍କୁ ଦାବିପତ୍ର ଦିଆଯାଉଛି।

ବଲାଙ୍ଗୀର ଅଫିସ,୨୯।୭

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଇନ୍‌ଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)ର ସ୍ୱୀକୃତି ପ୍ରତ୍ୟାଖ୍ୟାନ ପ୍ରସଙ୍ଗକୁ ନେଇ ବଲାଙ୍ଗୀର ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ କରା ନଗଲେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ଜିଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହାପାତ୍ରଙ୍କୁ ସାକ୍ଷାତ କରି ୟୁଜିସି ସ୍ୱୀକୃତି ପ୍ରସଙ୍ଗରେ ସବିଶେଷ ଆଲୋଚନା କରିଥିଲେ। ଗତବର୍ଷ ରାଜ୍ୟ ସରକାର ରାଜେନ୍ଦ୍ର କଲେଜକୁ ଅପଗ୍ରେଡ କରି ବିଶ୍ୱବିଦ୍ୟାଳୟ ମାନ୍ୟତା ଦେଇଥିଲେ। ତେବେ ୟୁଜିସି ଏହାକୁ ଗ୍ରହଣ ନ କରି ଏସଂକ୍ରାନ୍ତରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ସ୍ୱୀକୃତି ଦେବାକୁ ମନା କରିଦେଇଛି। ଗତବର୍ଷ ଡିସେମ୍ବର ମାସରୁ ୟୁଜିସି ପକ୍ଷରୁ ଚିଠି ଦିଆଯାଇଥିଲେ ମଧ୍ୟ ରାଜ୍ୟ ସରକାର ଏ ସଂକ୍ରାନ୍ତରେ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଛାତ୍ର କଂଗ୍ରେସ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଦାବି କରି କୁଳପତି ମହାପାତ୍ରଙ୍କୁ ଦାବିପତ୍ର ଦିଆଯାଇଛି। ଏହି ସମସ୍ୟାର ଶୀଘ୍ର ସମାଧାନ ହେବ ବୋଲି କୁଳପତି ଛାତ୍ର କଂଗ୍ରେସ ସଦସ୍ୟଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ପୂର୍ବତନ ସଭାପତି ମନୀଷ ମିଶ୍ର, ପ୍ରଫୁଲ୍ଲ ମିଶ୍ର, ଅସିତ ମିଶ୍ର, ପ୍ରେମ ପ୍ରକାଶ ମିଶ୍ର, ସୁମିତ ପ୍ରଭାକର, ସନତ ପ୍ରଧାନ, ଅଜିତ ମହାନନ୍ଦ, ଟୁଲୁ ସେନ, କ୍ରିଷ୍ଣା ପାତ୍ର ଓ ଅଞ୍ଚଳ ପଣ୍ଡା ଉପସ୍ଥିତ ଥିଲେ।

# ରାସ୍ତାକଡ଼ରେ ପଡ଼ି ରହିଛନ୍ତି ମାନସିକ ବିକାରଗ୍ରସ୍ତ ବ୍ୟକ୍ତି

ବାଉଁଶୁଣୀ, ୨୯।୭(ଡି.ଏନ.ଏ.)

ଗତ କିଛି ଦିନ ହେଲା ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଦନ୍ତାପାଲି ଗ୍ରାମ ନିକଟରେ ଜଣେ ମାନସିକ ଭିନ୍ନକ୍ଷମ ଯୁବକ ଏକ କମ୍ବଳ ଘୋଡାଇ ହୋଇ ଶୋଇ ରହିବା ଦେଖିବାକୁ ମିଳିଛି। ବର୍ଷାରେ ସେ ଭିଜି ଭିଜି ଶୋଇ ରହିଥିଲେ ମଧ୍ୟ ତାଙ୍କୁ କେହି ଅନ୍ୟତ୍ର ନେବାର ବ୍ୟବସ୍ଥା କରିନାହିଁ। ଏହି ଯୁବକଙ୍କୁ ଗତ ଦୁଇବର୍ଷ ହେଲା ବାଉଁଶୁଣୀ ବଜାର ଅଞ୍ଚଳରେ ବୁଲୁଥିବାର ଦେଖିବାକୁ ମିଳିଥିଲା। ଯିଏ ଯାହା ଦେଲା ଖାଇ ପିଇ ବୁଲୁଥିଲେ। ତେବେ ଅସୁସ୍ଥତା କାରଣରୁ ବୋଧେ ସେ ଚଲାବୁଲା କରି ନ ପାରି ଦନ୍ତାପାଲି ନିକଟସ୍ଥ ଏକ ଢାବା ସମ୍ମୁଖରେ ଜାତୀୟ ରାଜପଥ କଡରେ ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ରାସ୍ତାରେ ଯାଉଥିବା କେତେଜଣ ସହୃଦୟ ବ୍ୟକ୍ତି ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ ହେଁ ଦୁର୍ବଳ ହୋଇ ଯାଇଥିବା ହେତୁ ସେ ଚାଲି ପାରୁ ନ ଥିବା ପ୍ରକାଶ କରିଥିଲେ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।



ରାସ୍ତାକଡରେ ଶୋଇ ରହିଥିବା ଯୁବକ।

# କୌଡ଼ିଆମୁଣ୍ଡା-କରାଖାଇ ରାସ୍ତା ଶୋଚନୀୟ

ବିନିକା, ୨୯।୭(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ ଅଧୀନ କୌଡିଆମୁଣ୍ଡା ଗ୍ରାମ ଶେଷମୁଣ୍ଡରୁ କରାଖାଇ ରାସ୍ତା ଦେଇ କଟାପାଲି ମାଇନର କେନାଲକୁ ସଂଯୋଗ କରୁଥିବା ରାସ୍ତା ଲଗାଣ ବର୍ଷାରେ ଶୋଚନୀୟ ହୋଇପଡିଛି। ଦୀର୍ଘବର୍ଷ ହେଲା ମରାମତି ହୋଇ ନ ଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହୋଇଛି। ଲଗାଣ ବର୍ଷା ଯୋଗୁଁ ଏହି ଖାଲଖମାରେ ବର୍ଷା ପାଣି ଭରି ଯାଇଛି। ଏଥିଯୋଗୁ ପଥାଚାରୀ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଡି ମୋଟର କଥା ଛାଡନ୍ତୁ ଚାଲିକରି ଯିବା କଷ୍ଟକର ହୋଇ ପଡୁଛି। ଏନେଇ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ ରାସ୍ତା ମରାମତି ଦିଗରେ ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ରାସ୍ତାରେ ପହ୍ଲାରୋଇ ପ୍ରତିବାଦ କରିବାକୁ ବାଧ ହେବୁ ବୋଲି କୌଡିଆମୁଣ୍ଡା ଏବଂ କଟାପାଲିଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଖାଲଖମାରେ ଭରି ଯାଇଥିବା କୌଡିଆମୁଣ୍ଡା-କରାଖାଇ ରାସ୍ତା।

# ଅନ୍ୟଙ୍କୁ ରୋଜଗାରର ବାଟ ଦେଖାଇଛନ୍ତି ଗୁରୁଚରଣ

- ଛେଳି,ଗାଈ, ବତକ ପାଳନ କରି ଆତ୍ମନିର୍ଭରଶୀଳ
- ବାର୍ଷିକ ୨ରୁ ୩ ଲକ୍ଷ ରୋଜଗାର

ଅତାବିରା,୨୯।୭ (ଡି.ଏନ.ଏ.)

କରୋନା ବ୍ୟାପିବା ପରେ ଅନେକ ପରିବାରର ଆର୍ଥିକ ମାନଦଣ୍ଡ ଦୁର୍ବଳ ହୋଇଯାଇଛି। ଅଧିକାଂଶ ରୋଜଗାର ହରାଇଛନ୍ତି। ହେଲେ ଗୁରୁଚରଣ ପାଣି (୪୫) ନାମକ ଜଣେ ଯୁବକ ଏପରି ପରିସ୍ଥିତିରେ ଧୈର୍ଯ୍ୟହରା ନ ହୋଇ ପୂର୍ବରୁ ଚଳାଇ ଆସୁଥିବା ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଇ ରୋଜଗାର ବଢ଼ାଇବାରେ ସକ୍ଷମ ହୋଇ ପାରିଛନ୍ତି। ସେ ବର୍ଷକୁ ୨ରୁ ୩ ଲକ୍ଷ ଟଙ୍କା ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସହ ପରିବାର ଭରଣପୋଷଣ କରୁଛନ୍ତି। ଗୁରୁଚରଣଙ୍କ ଘର ବରଗଡ ଜିଲା ଭେଡେନ ବ୍ଲକ ସଂର୍କିଡା ପଞ୍ଚାୟତ ଝରାପାଲି ନିୟନ୍ତ୍ରିତ ବଜାର ନିକଟସ୍ଥ ପଡାରେ। ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨। ପାଠ ପଢା ପରେ ଚାକିରି ପଛରେ ନ ଦୌଡି ନିଜେ କିପରି ରୋଜଗାର କରି ଆତ୍ମନିର୍ଭରଶୀଳ ହୋଇ ପାରିବେ ସେହି ଚିନ୍ତା କରି ପ୍ରଥମେ ୧୯୯୫ ମସିହାରେ ୪ଟି ବତକ କିଣି ପାଳନ କରିଥିଲେ। ଦିନକୁ ଦିନ ବତକ ସଂଖ୍ୟା ବଢ଼ିବାରେ ଲାଗିଲା। ବର୍ତ୍ତମାନ ତାଙ୍କ ପାଖରେ ୩୫୦ଟି ମାଈ ଅଣ୍ଡିରା ବତକ ଅଛନ୍ତି। ଏହାଛଡା ୭ଟି ଦୁଧିଆଳୀ ଗାଈ ସାଙ୍ଗକୁ ୧୦ଟି ଛେଳି। ଏପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳିନାହିଁ। ପ୍ରାଣୀ ସମ୍ପଦ ବିଭାଗର ଦୃଷ୍ଟି ଆଢୁଆଳରେ ରହି ବତକ, ଛେଳି, ଗାଈ ପାଳନ କରି ନିଜେ ଅର୍ଥ ଉପାର୍ଜନ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାର କରିବା ବାଟ ଦେଖାଇଛନ୍ତି। ମା', ବାପା, ଝିଅ, ପୁଅକୁ ନେଇ ଗୁରୁଚରଣଙ୍କ ସଂସାର। ଜମି କହିଲେ ମାତ୍ର ୩ ଏକର। ବାରମ୍ବାର ଧାନ ଫସଲ କରି କ୍ଷତିଗ୍ରସ୍ତ ହେବାରୁ ଗୋପାଳନ, ପକ୍ଷୀ ପାଳନ କରିବା ଆରମ୍ଭ କରି ବର୍ତ୍ତମାନ ବାର୍ଷିକ ଦୁଇରୁ ୩ ଲକ୍ଷ ଟଙ୍କା ରୋଜଗାର କରୁଥିବା ଗୁରୁଚରଣ ପ୍ରକାଶ କରିଛନ୍ତି। ପ୍ରାଣୀ ସମ୍ପଦ ବିଭାଗ ସହଯୋଗର ହାତ ବଢ଼ାଇବା ସହିତ ବ୍ୟାଙ୍କରୁ ଯଦି ଋଣ ମିଳନ୍ତା ତାହେଲେ ଏକ ବଡଧରଣର ଗୋପାଳନ ଫାର୍ମ କରିବା ପାଇଁ ତାଙ୍କର ସ୍ୱପ୍ନ ଥିବା ସେ କହିଛନ୍ତି। ଏ ବିଷୟରେ ଭେଡେନ ପ୍ରାଣୀଧନ ଚିକିତ୍ସା ଅଧିକାରୀ ଟଙ୍କଧର ମେହେରଙ୍କୁ ପଚାରିବାରେ ଗୋପାଳନ ନେଇ ତାଙ୍କୁ ସହାୟତା ଦିଆଯାଇଛି। କୁକୁଡା ପାଳନ କଲେ ପ୍ରାଣୀ ବିଭାଗ ତରଫରୁ ସହାୟତା ଦିଆଯିବ ବୋଲି କହିଥିଲେ।



ଗୁରୁଚରଣ ବତକଙ୍କୁ ଖାଦ୍ୟ ଦେଉଛନ୍ତି।

**ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ**

ରୂପ୍‌ସା,(ଡି.ଏନ.ଏ.): ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥର ବସ୍ତା ଥାନା ଜୁଣବଳଦାଠାରେ ଏକ ଟ୍ରକ୍ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭୋଗରାଇ ଥାନା ବାଟସରିଷା ଗ୍ରମର ଅଜିତ ଜେନା (୩୫)। ବାଲେଶ୍ୱର ପଟୁ ଜଳେଶ୍ୱର ଆଡକୁ ଯାଉଥିବା ଟ୍ରକ୍ ସାମ୍ନା ପଟୁ ଆସୁଥିବା ବାଇକ୍‌କୁ ଧକ୍କା ଦେଇଥିଲା। ଅମର୍ଦା ଫାଣ୍ଡି ପୋଲିସ ପହଞ୍ଚି ରାଜପଥ ଆମ୍ବୁଲାନ୍ସ ଯୋଗେ ଆହତ ବାଇକ୍ ଆରୋହୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଗୁରୁବାର ଥାନାରେ ଏକ ମାମଲା (ନଂ. ୨୧୫/୨୧) ରୁଜୁ ହୋଇ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ପୋଲିସ ଟ୍ରକ୍‌କୁ ଜବତ କରିବା ସହ ଆନ୍ଧ୍ରପ୍ରଦେଶ ଡ୍ରାଇଭରଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଗର୍ଭବତୀଙ୍କୁ ରକ୍ତଦାନ କଲେ ଖବରଦାତା



**ନୂଆପଡ଼ା ଅଫିସ,୨୯।୭:** ନୂଆପଡା ଜିଲା ସଦର ବ୍ଲକ କେରମେଲି ପଞ୍ଚାୟତର ପେଠିଆପାଲି ଗାଁର ଜଣେ ଗର୍ଭବତୀ ଅସୁସ୍ଥ ହୋଇ ଦୁର୍ବଳ ହୋଇଥିଲେ। ତାଙ୍କୁ ନୂଆପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏଠାରେ ରକ୍ତ ଅଭାବ ଅଛି ବୋଲି ଡାକ୍ତର କହିବାରୁ ଗର୍ଭବତୀଙ୍କ ପରିବାର ଲୋକେ ରକ୍ତ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ଅସମର୍ଥ ହେବାରୁ ସୋସିଏଆଲ ମେଡିଆରେ ଗୁହାରି କରିଥିଲେ। ନୂଆପଡା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ନୂଆପଡା (ଜାନ) ସଭାପତି ସୁଶାନ୍ତ କୁମାର କର ଏହା ଜାଣି ମୁଖ୍ୟ ଚିକିତ୍ସାଳୟକୁ ଯାଇ ରକ୍ତ ଦାନ କରିଥିଲେ। ଖବରଦାତାଙ୍କ ଏପରି ମହତ କାର୍ଯ୍ୟକୁ ସାଧାଣରେ ପ୍ରସଂଶା କରାଯାଇଛି।

### ସୁବର୍ଣ୍ଣରେଖାରେ ବୁଡିଗଲେ ଯୁବକ

**ଜଳେଶ୍ୱର,୨୯।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ପଥରପୁରା ଅଞ୍ଚଳରେ ଜଣେ ଯୁବକ ନଦୀରେ ଗାଧୋଉଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ଉକ୍ତ ଯୁବକ ହେଲେ ପଶ୍ଚିମବଙ୍ଗ ଖଡ଼ଗପୁର ଗାନ୍ଧିନଗର ଅଞ୍ଚଳର ହେପାଜତ୍ ହୁସେନ୍‌ଙ୍କ ପୁଅ ସେକ୍ ସର୍ଫରାଜ ହୁସେନ୍(୧୮)। ସେ ତାଙ୍କ ୨ ଭଉଣୀଙ୍କ ସହ ଜଳେଶ୍ୱରସ୍ଥିତ ବନ୍ଧୁଘର ସେକ୍ ଉମର ଅଲ୍ଲିଙ୍କ ଘରକୁ ବୁଲି ଆସିଥିଲେ। ଗୁରୁବାର ମଧ୍ୟାହ୍ନରେ ସେ ସୁବର୍ଣ୍ଣରେଖା ନଦୀରେ ଗାଧୋଉଥିବା ବେଳେ ତାଙ୍କ ଭଉଣୀମାନେ ବନ୍ଧ ଉପରେ ରହି ଫଟୋ ଉଠାଉଥିଲେ। ହଠାତ୍ ନଦୀ ସ୍ରୋତରେ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇଥିଲେ। ଅଗ୍ନିଶମ ବିଭାଗ ଖୋଜାଖୋଜି କରି ୨ ଘଣ୍ଟା ପରେ ତାଙ୍କୁ ପାଣିରୁ ଉଦ୍ଧାର କରି ଜିକେଭଙ୍ଗର ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

**ଯୋଡ଼ା,୨୯।୭(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ପୋଲିସ ଚୋରା ଲୁହାପଥର ବୋଝେଇ ଏକ ଟ୍ରକ୍ ଜବତ କରିଛି। ଜବତ ଲୁହାପଥର ଗୁଣ୍ଡର ପରିମାଣ ୧୨ ମେଟ୍ରିକ ଟନ୍ ଓ ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ଜଜାଙ୍ଗ ପଞ୍ଚାୟତର ଜଜାଙ୍ଗ ନିକଟସ୍ଥ ଏଚ୍‌ଜି ପାଣ୍ଡିଆ ଖଣିରେ ବୁଧବାର ବିଳମ୍ବିତ ରାତିରେ ଏକ ୧୨ ଚକିଆ ଟ୍ରକ୍‌ରେ ବେଆଇନ ଭାବେ ଲୁହାପଥର ଗୁଣ୍ଡ ବୋଝେଇ ହେଉଥିବା ବେଳେ ଟ୍ରକ୍‌ଟିରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ଏନେଇ ଗ୍ରାମବାସୀ ଗୁରୁବାର ସକାଳୁ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଟ୍ରକ୍‌ଟିକୁ ଜବତ କରିଥିବା ବେଳେ ଏଥିରେ ସମ୍ପୃକ୍ତ ଚୋରା ଚାଲାଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଗୋଟିଏ ପଟେ ଚୋରା ଖଣିଜ କାରବାର ରୋକିବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦ୍ଧତି ଅବଲମ୍ବନ କରୁଥିବାବେଳେ ସ୍ଥାନୀୟ ଖଣିବିଭାଗ ଏହାକୁ ରୋକିବାରେ ବିଫଳ ହେଉଛି।

# ଗାଁରେ ପହଞ୍ଚିଲା ଦାଦନ ଶ୍ରମିକଙ୍କ ମୃତଦେହ

- ■ କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସ ଅଟକ
- ■ ଗାଁରେ ଶୋକାକୁଳ ପରିବେଶ

**କୋକସରା, ୨୯।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ବରାଡଙ୍ଗା ଗାଁର ନିଧି ଚଲାନ (୨୦)ଙ୍କ କର୍ନାଟକରେ ଗତ ସୋମବାର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ କମ୍ପାନୀ ସହାୟତାରେ ଆମ୍ବୁଲାନ୍ସ (ନଂ.ଏମଏଚ୦୫ ଡିକେ-୦୬୯୫) ଯୋଗେ ମୃତକଙ୍କ ଗାଁକୁ ପଠାଇଥିଲେ। ବୁଧବାର ରାତି ପ୍ରାୟ ୮ଟାରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ପରିବାରବର୍ଗ କ୍ଷତିପୂରଣ ଦାବିରେ ଆମ୍ବୁଲାନ୍ସକୁ ଅଟକ ରଖିଥିଲେ। ଖବର ପାଇ ଆମପାଣି ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ସମେତ ଅନ୍ୟ କର୍ମଚାରୀ ପହଞ୍ଚି ପରିବାରବର୍ଗ ଓ କମ୍ପାନୀଙ୍କ ସହ ଆଲୋଚନା କରିଥିଲେ। ପରିବାର ଲୋକେ ରାତିରେ ଆମ୍ବୁଲାନ୍ସରୁ ମୃତଦେହ ବାହାର ନ କରି ଜିଦ୍‌ରେ ଅଡ଼ିବସିଥିଲେ।




ଗାଁରେ ଆମ୍ବୁଲାନ୍ସକୁ ଅଟକ ରଖାଯାଇଛି।

ଗୁରୁବାର ପୂର୍ବାହ୍ନ ୧୦ଟାରେ ପୁଣି ପୋଲିସ ଆସି କମ୍ପାନୀ ସହ ଆଲୋଚନା କରିଥିଲା। କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରକୁ ୧ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ପରିବାର ଗ୍ରହଣ କରିବା ସହ ଅଟକ ଆମ୍ବୁଲାନ୍ସକୁ ଛାଡିଥିଲେ।

ସୂଚନା ଯେ, କୋକସରା ବ୍ଲକ ଆମପାଣି ଥାନା ବରାଡଙ୍ଗା ଗାଁର ନିଧି ଗତ ୩ ମାସ ତଳେ କାମ କରିବାକୁ କର୍ନାଟକ ରାଜ୍ୟକୁ ଯାଇଥିଲେ। ସେ କର୍ନାଟକର କାପୋଲ ଜିଲା କାଡୁକୋପା ଅଞ୍ଚଳର ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। ଗତ ସୋମବାର ଯୁବକଙ୍କ ସନ୍ଦେହଜନକ ଭାବେ ତାଙ୍କର ଝୁଲନ୍ତା ମୃତଦେହ କମ୍ପାନୀ ନିକଟ ଏକ ଗଛରେ ଝୁଲୁଥିବା ସାଥି ଶ୍ରମିକମାନେ ଦେଖିବାକୁ ପାଇଥିଲେ। କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ କମ୍ପାନୀ ସହାୟତାରେ ଆମ୍ବୁଲାନ୍ସ ଯୋଗେ ମୃତକଙ୍କ ଗାଁକୁ ପଠାଇଥିଲା। ମୃତ ଦାଦନ ଶ୍ରମିକଙ୍କ ସ୍ତ୍ରୀ ଓ ୩ ବର୍ଷର ପୁଅ ଅଛନ୍ତି।



ମୃତ ନିଧି ଚଲାନଙ୍କ ଫାଇଲ ଫଟୋ।

# ମଶାରି ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ



ମଶାରି ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

**ଜୁନାଗଡ, ୨୯।୭ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଏନଏ୍‌ସିରେ ଗୁରୁବାର ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ମଶାରୀ ବ୍ୟବହାରର ଉପକାରିତା ଉପରେ କହିବା ସହ ପ୍ରକୃତିର କୋପରୁ ବଞ୍ଚିବା ପାଇଁ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ସେହିପରି ଜୁନାଗଡ ସହରେ ମଶାର ନିପାତ ପାଇଁ ସହରର ବିଭିନ୍ନ ଡ୍ରେନରେ ଗାମ୍ବୁଜିଆ ମାଛ ଛଡାଯିବା ସହ ଏହାର ଉତ୍ପାଦନ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଭବସିନ୍ଧୁ ମଙ୍ଗରାଜ, ସିଙ୍ଘାର ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ଡାକ୍ତର ସରୋଜ କୁମାର ସ୍ୱାଇଁ, ବରିଷ୍ଠ ବୈଜ୍ଞାନିକ ପି ରାଉତରାୟ ଓ ଡାକ୍ତର ନାଗେଶ ବାରିକ, ଜୁନାଗଡ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶମ୍ବର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ଏମ୍ ରାଜଶେଖର ଓ ପିଏଚ୍‌ଇଓ ଭାରତୀ ବ୍ରହ୍ମା ପରିଚାଳନା କରିଥିଲେ। ଭିଭିଡିଟିଏସ୍ ପ୍ରିୟ ରଞ୍ଜନ ମୁଣ୍ଡ ସହଯୋଗ କରିଥିଲେ। ଜୁନାଗଡ ଏନ୍‌ଏସିର ୧୨ଟି ୱାର୍ଡର ପ୍ରାୟ ୫ ହଜାର ପରିବାରରେ ୧୫୩୮ ମଶାରୀ ବଣ୍ଟନ କରାଯିବ। କାର୍ଯ୍ୟକ୍ରମରେ ଜୁନାଗଡ ଏନଏସିର ଆଶା, ଅଙ୍ଗନୱାଡି କର୍ମୀ, ଏଏନଏମ୍, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥରୁ ଡିଭାଇଡର ଉଚ୍ଛେଦ



ଜାତୀୟ ରାଜପଥରୁ ଡିଭାଇଡର ଉଚ୍ଛେଦ କରାଯାଉଛି।

**ଖଡିଆଳ, ୨୯।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ସହର ମଧ୍ୟ ଦେଇ ଯାଇଛି ୩୫୩ ନମ୍ବର ଜାତୀୟ ରାଜପଥ। ଏହା ଖଡିଆଳ ସହର ମଧ୍ୟରେ ୩ କି.ମି. ପର୍ଯ୍ୟନ୍ତ ଲମ୍ବି ରହିଛି। ସହର ଭିତର ଜାତୀୟ ରାଜପଥରେ ଡିଭାଇଡର୍ ନିର୍ମାଣ ହୋଇଥିଲା। ଡିଭାଇଡର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡିରହିଥିଲା। ଫଳରେ ଜାତୀୟ ରାଜପଥ ଅଣଓସାରିଆ ଏବଂ ଡିଭାଇଡର୍ ଯୋଗୁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟି ଅନେକ ଲୋକେ ପ୍ରାଣ ହରାଉଥିଲେ। ଏହାକୁ ଜାତୀୟ ରାଜପଥ ବିଭାଗ ଉଚ୍ଛେଦ କରି ଠିକ ରୂପେ ନିର୍ମାଣ ନେଇ ବ୍ୟବସ୍ଥା କରିଛନ୍ତି। ଗୁରୁବାର ଜେସିବି ନେଇ ଡିଭାଇଡରକୁ ଭାଙ୍ଗି ଦେଉଥିବା ବେଳେ ଆଗାମୀ ଦିନରେ ସୁନ୍ଦର କରି ଡିଭାଇଡର୍ ନିର୍ମାଣ କରିବେ ବୋଲି ଜାତୀୟ ରାଜପଥ ବିଭାଗ ପକ୍ଷରୁ କୁହାଯାଇଛି।

## ୩ ଅଭିଯୁକ୍ତ ଜେଲ ଗଲେ

**ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା**

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ, ୨୯।୭(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଡେରାବିଶ ବ୍ଲକ ଚାନ୍ଦୋଳ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ୍ ହୋଇଥିଲା। ଏ ସଂକ୍ରାନ୍ତରେ ଜୁନ୍ ୪ରେ ପୀଡ଼ିତା ଓ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୩/୨୧)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ଗୁରୁବାର ସଦର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା କହିଛନ୍ତି, ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ ତାଙ୍କର ଅଶ୍ଳୀଳ ଭିଡ଼ିଓ ବିଭିନ୍ନ ସୋସିଆଲ୍ ମିଡ଼ିଆରେ ଭାଇରାଲ୍ ହୋଇଥିଲା। ଏହି ଘଟଣାରେ ପଶ୍ଚିମବଙ୍ଗ ନଦିଆ ଜିଲା ଅଞ୍ଚଳର ଏମ୍‌ଡି ମିଲନ ଶେଖ୍ ଓ ମୁଲାୟମ୍ ଶେଖ୍ ଏବଂ କଟକ ଜିଲା ସାଲେପୁର ଥାନା ଅଞ୍ଚଳର ଦେବଦତ୍ତ ବେହେରାଙ୍କ ସମେତ ଅନ୍ୟ କେତେଜଣ ସମ୍ପୃକ୍ତ ଥିବା ତଦନ୍ତ ସମୟରେ ଜଣାପଡ଼ିଥିଲା। ପୋଲିସ ମିଲନ, ମୁଲାୟମ ଓ ଦେବଦତ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ପରିବାର ସହ ପଡ଼ିଶା ଘର ଲୋକଙ୍କ ଦୀର୍ଘଦିନରୁ ଜମିବାଡ଼ି ବିବାଦ ଲାଗି ରହିଛି। ମିଲନ ଓ ତାଙ୍କ ଭାଇ ମୁଲାୟମ ଏହି ଅଞ୍ଚଳରେ ରାଜମିସ୍ତ୍ରୀ ଭାବେ କାମ କରୁଥିଲେ। ମିଲନଙ୍କ ସହିତ ମୋର ସମ୍ପର୍କ ବଢ଼ିବା ପରେ ଏହାର ସୁଯୋଗ ନେଇ ସେ ମୋର ଅଶ୍ଳୀଳ ଭିଡ଼ିଓ ଉତ୍ତୋଳନ କରି ସମ୍ପୃକ୍ତ ପଡ଼ିଶା ଘରକୁ ଦେଇଥିଲେ। ପଡ଼ିଶା ଘର ଲୋକଙ୍କ ସହିତ ସାଲେପୁରର ଦେବଦତ୍ତ ଓ ଅନ୍ୟ କେତେଜଣ ସେହି ଭିଡ଼ିଓକୁ ବିଭିନ୍ନ ହ୍ୱାଟସ୍‌ଆପ୍ ଗ୍ରୁପରେ ଭାଇରାଲ୍ କରିଥିଲେ ବୋଲି ଏସ୍‌ଡିପିଓ ପଣ୍ଡା ସୂଚନା ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସଦର ଥାନା ଅଧିକାରୀ ପବିତ୍ର ମହାରଣା ଉପସ୍ଥିତ ଥିଲେ।

# କୋଚ୍ ଡିସ୍‌ପ୍ଲେ ବୋର୍ଡ କାର୍ଯ୍ୟ ଆରମ୍ଭ



କୋଚ୍ ଡିସ୍‌ପ୍ଲେ ବୋର୍ଡ କାର୍ଯ୍ୟ କରାଯାଉଛି।

**ଖରିଆର ରୋଡ୍ ରେଳଷ୍ଟେଶନ**

**ନୂଆପଡ଼ା ଅଫିସ,୨୯।୭**

ନୂଆପଡା ଜିଲା ଖରିଆର ରୋଡ ରେଳ ଷ୍ଟେଶନରେ ଦୀର୍ଘ ଦିନ ଦାବି ପରେ ଷ୍ଟେଶନରେ କୋଚ ଡିଶ୍‌ପ୍ଲେ ବୋର୍ଡ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ଡିଆରୟୁସିସି ସଭ୍ୟ ଗୋଲଡି ଅଗ୍ରୱାଲ ଗତ ୨୭ ତାରିଖରେ ସମ୍ବଲପୁର ରେଲ ଡିଭିଜନର ଭର୍ଚୁଆଲ ବୈଠକରେ ଏହି ଦାବିକୁ ଦୋହରାଇ ଥିଲେ। ଏସବୁ ଦୃଷ୍ଟିରେ ରଖି ସମ୍ବଲପୁର ଡିଆରଏମଙ୍କ ନିର୍ଦ୍ଦେଶକ୍ରମେ ଖରିଆର ରୋଡ ରେଳ ଷ୍ଟେଶନରେ କୋଚ ଡିଶ୍‌ପ୍ଲେ ବୋର୍ଡ କାର୍ଯ୍ୟ ଆରମ୍ଭ ହୋଇଛି। ଖରିଆର ରୋଡ ରେଳ ଷ୍ଟେଶନରେ ଦ୍ରୁତଗାମୀ ରେଳ ରହଣୀ ସମୟସୀମା ଅତି କମ ରହିଥିବାରୁ ରେଳ କୋଚ ଡିସପ୍ଲେ ବୋର୍ଡ ନ ଥିବାରୁ ରେଳ ଯାତ୍ରୀମାନେ ଜାଣି ନ ପାରି ଅନ୍ୟ ଡବା (ବଗି)ରେ ଚଢି ଯାଉଥିଲେ। କୋଚ ଡିଶ୍‌ପ୍ଲେ ବୋର୍ଡ ଲାଗିବା ଦ୍ୱାରା ରେଳ ଯାତ୍ରୀ ସହଜରେ ଓ ସୁବିଧାରେ ଚଢିବା ସହ ଯାତ୍ରା ସମୟରେ କୌଣସି ଦୁର୍ଘଟଣା ମଧ୍ୟ ଏଡାଇ ଦେଇ ହେବ।

# ନୂତନ ଜିଲା ଶିକ୍ଷା ଅଧିକାରୀଙ୍କ ଯୋଗଦାନ



ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ କରାଯାଉଛି।

**ନୂଆପଡ଼ା ଅଫିସ,୨୯।୭**

ନୂଆପଡା ନୂତନ ଜିଲା ଶିକ୍ଷା ଅଧିକାରୀ ଭାବେ ରମେଶ ଚନ୍ଦ୍ର ସେଠୀ ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଜିଲା ଶିକ୍ଷା କାର୍ଯ୍ୟାଳୟଠାରେ ତାଙ୍କୁ ସ୍ୱାଗତ କରାଯାଇଛି। ଆୟୋଜିତ ସଭାରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ଜିଲା ବିଜ୍ଞାନ ପରିଦର୍ଶକ ଅଶ୍ୱନୀ କୁମାର ଭୋଇ, କୋମନା ଗୋଷ୍ଠୀ ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରା ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ଶିକ୍ଷାବର୍ଷରେ ଶିକ୍ଷାର ପ୍ରଚାର, ପ୍ରସାର, ଶ୍ରେଣୀ ଗୃହ ଓ କର୍ମଚାରୀମାନଙ୍କ ଉପରେ ଧ୍ୟାନ ଦେବି ବୋଲି କହିଥିଲେ। ଏହି ସମୟରେ ଜିଲା ଶିକ୍ଷା ବିଭାଗ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ମୁଖ୍ୟ କିରାଣି କର୍ଣ୍ଣଶବର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଆଦିବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯାଉ’

**ବାରିପଦା ଅଫିସ,୨୯।୭**

୨୪ଦଫା ଦାବି ନେଇ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ସଭାପତି ଠୁମ୍ପୁ ମୁର୍ମୁଙ୍କ ନେତୃତ୍ୱରେ ଯୁବତୀ ଯୁବକମାନେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଦିବାସୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର, ସଂରକ୍ଷଣ, ଦରଦାମ ବୃଦ୍ଧି, ଜୀବନ ଜୀବିକା ପାଇଁ ଆବଶ୍ୟକ ପଦକ୍ଷେପ, ମୌଳିକ ସୁବିଧା ଯୋଗାଇ ଦେବା, ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମିକୁ ସୁରକ୍ଷା ଦେବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କରମଜିତ ସିଂ, ଶିବାନ ମାଣ୍ଡି, ଶ୍ରୀମତୀ ସିଂ, ଫକୀର ମୋହନ ସିଂ, ବୁଧୁରାମ ସିଂ, ପୁଲକ ସିଂ, ପ୍ରାଣନାଥ ସିଂଙ୍କ ସମେତ ବହୁ କର୍ମକର୍ତ୍ତା ଏଥିରେ ସାମିଲ ଥିଲେ।

# ଖଡ଼ିଆଳ ମା’ ଓ ଶିଶୁଯତ୍ନ କେନ୍ଦ୍ର ପରିସରରେ କାଦୁଅପାଣି

**ମରାମତି କରାଇଲେ ସ୍ୱାସ୍ଥ୍ୟ ବିଭାଗ**

**ଖଡିଆଳ,୨୯।୭ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳସ୍ଥିତ ମା’ ଓ ଶିଶୁଯତ୍ନ କେନ୍ଦ୍ର ପରିସରରେ ଲଘୁଚାପ ବର୍ଷାରେ କାଦୁଅ ପାଣି ହୋଇଥିଲା। ଫଳରେ ରୋଗୀ, ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନେ ଯାତାୟାତ ପାଇଁ ନାହିଁ ନ ଥିବା ସମସ୍ୟାର ସମ୍ମୁଖିନ ହେଉଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ରଶର ଡଷ୍ଟ ପକାଇବା ସହ ଜେସିବି ଲଗାଇ ସମତଳ କରିଛନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ସଡକରୁ ସ୍ୱାସ୍ଥ୍ୟକେନ୍ଦ୍ର ଭିତରକୁ କଂକ୍ରିଟ ସଡକ ନିର୍ମାଣ କରି ସ୍ୱାସ୍ଥ୍ୟକେନ୍ଦ୍ର ଚାରିପଟେ ବଗିଚା ନିର୍ମାଣ ନେଇ ପ୍ରସ୍ତାବ ଗୃହିତ କରିବାକୁ ଅନୁରୋଧ କରାଯାଇଛି। ଫଳରେ ସ୍ୱାସ୍ଥ୍ୟ କେନ୍ଦ୍ର ସୌନ୍ଦର୍ଯ୍ୟ ହେବା ସହ ପରିବେଶ ନିର୍ମଳ ଏବଂ ସ୍ୱଚ୍ଛ ନିର୍ମଳ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଚଳିତ ବର୍ଷାରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାରା ରୋପଣ କରିବାକୁ ଆଗେଇ ଆସିବାକୁ ସ୍ୱାସ୍ଥ୍ୟ ଅଧିକାରୀ ଡା. ଦୀନବନ୍ଧୁ ମହାନନ୍ଦ କହିଛନ୍ତି।



ଖଡିଆଳ ମା’ ଓ ଶିଶୁଯତ୍ନ କେନ୍ଦ୍ର ପରିସର ମରାମତି କରାଯାଉଛି।

# ୨୧୦ ଭୁଞ୍ଜିଆ ପରିବାରଙ୍କୁ ସାମିଲ ଦାବି

**ସୁନାବେଡ଼ା ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା**

**ନୂଆପଡ଼ା ଅଫିସ,୨୯।୭**

ନୂଆପଡା ଜିଲା କୋମନା ବ୍ଲକ ସୁନାବେଡା ପାଦଦେଶରେ ଅବସ୍ଥିତ ରଜନା ଓ ଦେଓଦର୍ହା ପଞ୍ଚାୟତର ୨୧୦ ଆଦିମ ଜନଜାତି ଚକୋଟିଆ ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ବାସ କରି ଆସୁଛନ୍ତି। କିନ୍ତୁ ସେମାନଙ୍କୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ ନ କରିବାରୁ ଉନ୍ନୟନ କାର୍ଯ୍ୟରୁ ବଞ୍ଚିତ ହେଉଛନ୍ତି। ଏହି ସଂସ୍ଥାରେ ସାମିଲ କରିବା ପାଇଁ ବୁଧବାର ଆସି ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଢୋଲକିଆଙ୍କୁ ରଜନା ଓ ଦେଓଦର୍ହା ପଞ୍ଚାୟତର ଭୁଞ୍ଜିଆ ସମ୍ପ୍ରଦାୟ ଲୋକେ ଦାବିପତ୍ର ପ୍ରଦାନ କରିଛନ୍ତି।

ସୂଚନା ଯେ, ୧୯୯୩ ଏପ୍ରିଲରୁ ଭୁଞ୍ଜିଆମାନଙ୍କ ସାମଗ୍ରୀକ ବିକାଶ ପରିକଳ୍ପେ ଓଡିଶା ସରକାର ସୁନାବେଡାଠାରେ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥା (ସିବିଡିଏ) ନାମରେ ଏକ ସରକାରୀ ସଂସ୍ଥା, ଓଡିଶା ସରକାରଙ୍କ ଆଦିବାସୀ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାପିତ କରାଯାଇ କାମ କରାଯାଉଛି। ଦୁର୍ଭାଗ୍ୟର ବିଷୟ ଯେ, ସେହି ସଂସ୍ଥା ଏକ ତରବରିଆ ଭାବେ ସ୍ଥାପନ ହେଲା। ସମ୍ପୂର୍ଣ୍ଣ ଭୁଞ୍ଜିଆ ଅଞ୍ଚଳକୁ ସର୍ଭେ କରା ନ ଯାଇ କେବଳ ସୁନାବେଡା ଅଞ୍ଚଳର ଭୁଞ୍ଜିଆମାନଙ୍କୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରାଗଲା। ପରବର୍ତ୍ତି ପର୍ଯ୍ୟାୟରେ ନୂଆପଡା ସଦର ବ୍ଲକ ଅନ୍ତର୍ଗତ ୨୧ଟି ଗ୍ରାମରେ ବାସ କରୁଥିବା ଭୁଞ୍ଜିଆମାନଙ୍କୁ ସଂସ୍ଥା ପରିସରଭୁକ୍ତ କରାଯାଇଛି। କିନ୍ତୁ ସୁନାବେଡା ପାଦଦେଶରେ ଅବସ୍ଥିତ କୋମନା ବ୍ଲକ ଅନ୍ତର୍ଗତ ରଜନା ପଞ୍ଚାୟତର ରଜନା ଗାଁର ୮୬ ପରିବାର, ଦେଓଦର୍ହା ପଞ୍ଚାୟତର ଦେଓଦର୍ହା ଗାଁର ୭୫ ପରିବାର ଓ କୁଞ୍ଜେଲପଡା ଗାଁର ୬୨ ପରିବାର ମୋଟ ୨୧୦ଟି ଭୁଞ୍ଜିଆ ପରିବାର ବାସ କରି ଆସୁଅଛୁ। ଆମେ ସମସ୍ତେ ଏକା ସମ୍ପ୍ରଦାୟର। ଆମକୁ ସୁନାବେଡା ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ଅନ୍ତର୍ଭୁକ୍ତ କରା ନ ଯିବାରୁ ଆମେ ବିଭିନ୍ନ ବିକାଶ କାର୍ଯ୍ୟରୁ ବଞ୍ଚିତ ହୋଇ ରହିଛୁ। ଆମକୁ ଚକୋଟିଆ ଭୁଞ୍ଜିଆ ଉନ୍ନୟନ ସଂସ୍ଥାରେ ସାମିଲ କରିବା ପାଇଁ ରଜନା ଓ ଦେଓଦର୍ହା ପଞ୍ଚାୟତର ଭୁଞ୍ଜିଆ ସମ୍ପ୍ରଦାୟର ଲୋକେ ଦାବି କରିଛନ୍ତି। ନୂଆପଡା ବିଧାୟକ ଢୋଲକିଆ, ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ଶାସନ ସଚିବ ଅନୁସୂଚିତ ଜାତି ଓ ଜନଜାତି ମଙ୍ଗଳ ବିଭାଗ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କଳାହାଣ୍ଡି ଏମପି ବସନ୍ତ ପଣ୍ଡା, ବିରୋଧୀ ଦଳ ନେତାଙ୍କ ଅବଗତି ନିମନ୍ତେ ଦାବିପତ୍ର ପ୍ରଦାନ କରିଛନ୍ତି। ସୁନାବେଡା ସରପଞ୍ଚ ତିଲସିଂ ଝାଙ୍କର, କଲିରାମ ସୁଆର, ହଳଧର ଚିନ୍ଦା, ଭୁବନେଶ୍ୱର ଚିନ୍ଦା, ମନ୍ଦାର ଚିନ୍ଦା, ଚଉବନ ଚିନ୍ଦା, ଖେମେ ଚିନ୍ଦା, ଅନିରୁଦ୍ଧ ଚିନ୍ଦା, ଘସେନ ଚିନ୍ଦା, ପୂର୍ଣ୍ଣମୀ ଚିନ୍ଦା, କମଳ ଚିନ୍ଦା, ପୂର୍ଣ୍ଣ ଚିନ୍ଦା, ଚଞ୍ଚଳା ଚିନ୍ଦା, ଟିକେରାମ ଚିନ୍ଦା, ଚୈତନ୍ୟ ଚିନ୍ଦା, ଘନ ଚିନ୍ଦା, ସୁମନି ଚିନ୍ଦା, ହାରାବତି ଚିନ୍ଦା, ଖିରଦେଇ ଚିନ୍ଦା, କହ୍ନାଇ ଚିନ୍ଦା, ଯୋଗିନ ଚିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ।